ନବ ଭାରତର ନିର୍ମାତା

ଜବାହରଲାଲ

ରାଜ୍ୟ ଜନଶିକ୍ଷା ସାଧନ କେନ୍ଦ୍ର
ଓଡ଼ିଶା, ଭୁବନେଶ୍ୱର

Digitized by srujanika@gmail.com

ନବଭାରତର ନିର୍ମାତା

ଜବାହରଲାଲ୍

ରାଜ୍ୟ ଜନଶିକ୍ଷା ସାଧନ କେନ୍ଦ୍ର, ଓଡ଼ିଶା
ଭୁବନେଶ୍ୱର

Digitized by srujanika@gmail.com

ନବଭାରତର ନିର୍ମାତା ଜବାହରଲାଲ୍

ଲେଖକ	**ଶ୍ରୀମତୀ କଳ୍ପନା ସାହୁ**
ପ୍ରକାଶକ	ଡଃ ବିମଳେନ୍ଦୁ ମହାନ୍ତି ନିର୍ଦ୍ଦେଶକ, **ରାଜ୍ୟ ଜନଶିକ୍ଷା ସାଧନ କେନ୍ଦ୍ର, ଓଡ଼ିଶା** ଜନଶିକ୍ଷା ଭବନ, ୟୁନିଟ-୫, ଭୁବନେଶ୍ୱର - ୭୫୧୦୦୧
ପ୍ରଥମ ପ୍ରକାଶ	୧୯୯୭
ପ୍ରକାଶନ ସଂଖ୍ୟା :	ଏସ୍. ଆର୍. ସି - ୨୨୩ - ୨୪/୯୭
ମୁଦ୍ରଣ ସଂଖ୍ୟା	୨,୦୦୦
ମୁଦ୍ରଣ	ନିସ୍ୱାସ, ୩, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୧୬
ମୂଲ୍ୟ	ଚାରି ଟଙ୍କା ପଚାଶ ପଇସା ମାତ୍ର

NABABHARATARA NIRMATA JAWAHARLAL

Written by	**Srimati Kalpana Sahoo**
Published by	Dr. Bimalendu Mohanty, Director, **State Resource Centre for Adult Education, Orissa** Janasiksha Bhavan, Unit-V, Bhubaneswar - 751001
1st Edition	1997
Publication No.	S.R.C.- 223 - 24/97
No. of Copies Printed	2,000
Printed at	NISWASS, 3, Chandrasekharpur, Bhubaneswar - 751016
Price	Rupees four and paise fifty only.

Digitized by srujanika@gmail.com

ପଣ୍ଡିତ ଜବାହରଲାଲ୍ ନେହେରୁ ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଥିଲେ । ତାଙ୍କ ପରେ ଅନେକ ପ୍ରଧାନମନ୍ତ୍ରୀ ହେଲେଣି । କିନ୍ତୁ ତାଙ୍କ ଭଳି ଆଉ କାହାକୁ ଭାରତବାସୀ ଏତେ ଭଲ ପାଇନାହାନ୍ତି । ସେ ଥିଲେ ଭାରତୀୟ ମହାଜାତିର ମୁକୁଟହୀନ ସମ୍ରାଟ । ଭାରତୀୟମାନଙ୍କ ହୃଦୟର ଦେବତା । ସେ ମଧ୍ୟ ସେହିଭଳି ପ୍ରାଣଭରି ଭାରତବାସୀଙ୍କୁ ଭଲ ପାଉଥିଲେ । ଭାରତୀୟମାନେ କିପରି ଭଲରେ ରହିବେ, ମାନ ସମ୍ମାନର ସହ ବିଶ୍ୱରେ ମୁଣ୍ଡ ଟେକି ଚାଲିବେ, ସେଥିପାଇଁ ଅହରହ ଉଦ୍ୟମ କରୁଥିଲେ ।

ଗାନ୍ଧିଜୀ ଥିଲେ ଜାତିର ପିତା । ସାରା ଜୀବନ ସେ ଭାରତର ସ୍ୱାଧୀନତା ପାଇଁ ଇଂରେଜମାନଙ୍କ ସହ ଲଢ଼ିଥିଲେ । ଭାରତମାତାର ବହୁ ଯୋଗ୍ୟ ସନ୍ତାନ ତାଙ୍କ ଡାକରାରେ ସ୍ୱାଧୀନତା ସଂଗ୍ରାମକୁ ଡେଇଁ ପଡ଼ିଥିଲେ । ସେମାନଙ୍କ ମଧ୍ୟରେ ବହୁତ ଜ୍ଞାନୀ, ଗୁଣୀ, ସାହସୀ ଓ ଲଢୁଆ ନେତା ଥିଲେ । କିନ୍ତୁ ଯେତେବେଳେ ସେ ଜାଣିଲେ, ତାଙ୍କର ଶେଷ ସମୟ ପାଖେଇ ଆସିଲା, ସେ ଜବାହରଲାଲ୍‌ଙ୍କୁ ନିଜର ଉତ୍ତରାଧିକାରୀ ବାଛି ଯାଇଥିଲେ ।

ଏକଥାର ଅର୍ଥ ବୁଝେଇ ସେ କହିଥିଲେ, ''ମୁଁ ଯେତେବେଳେ ନଥିବି ଜବାହର ମୋର ସ୍ଥାନ ଗ୍ରହଣ କରିବେ । କାରଣ ସେ କେବେ ମୋର କଥାକୁ ଆଖି ବୁଜି ଗ୍ରହଣ କରିନାହାନ୍ତି । ମୋ ସହ ଯୁକ୍ତି କରିଛନ୍ତି । ମୋ ସହ ବହୁ ସମୟରେ ତାଙ୍କ ମତର ଅମେଳ ରହିଛି । ତଥାପି ସେ ଭାରତବାସୀଙ୍କ ପ୍ରତି ଅଗାଧ ମମତା ପୋଷଣ କରନ୍ତି ।

Digitized by srujanika@gmail.com

କାର୍ଯ୍ୟ କରିବା ପାଇଁ ତାଙ୍କଠାରେ ଯେପରି ଅସୀମ ଶକ୍ତି ରହିଛି ସେପରି ଅନ୍ୟ କାହାରିଠାରେ ନାହିଁ । ତେଣୁ ସେ ହେବେ ମୋର ଉତ୍ତରାଧିକାରୀ ।''

ପ୍ରକୃତରେ ଜବାହରଲାଲ୍ ଭାରତ ଆଉ ଭାରତବାସୀଙ୍କୁ ସବୁଠାରୁ ଅଧିକ ଭଲ ପାଉଥିଲେ । ଭାରତମାତାର ମୁକ୍ତି ପାଇଁ ନିଜର ସୁଖ, ସୁବିଧା ସବୁ ତ୍ୟାଗ କରିଥିଲେ । ଏପରିକି ବାପା, ମା, ନିଜର ପ୍ରାଣପ୍ରିୟା ପତ୍ନୀ ରୋଗରେ ପଡ଼ି ଛଟପଟ ହେଉଥିବାବେଳେ ସେ ଦେଶକାମରେ ଲାଗି ରହିଥିଲେ ।

ସେ କହୁଥିଲେ – ''ଭାରତବାସୀ ମୋତେ ଅଶେଷ ସ୍ନେହ ଦେଇ ଭଲ ପାଇଛନ୍ତି । ସେମାନଙ୍କର କିଛି ଉପକାର ହେବ ବୋଲି ମୋ' ଉପରେ ଭରସା ରଖିଛନ୍ତି । ମୋତେ ପ୍ରଧାନମନ୍ତ୍ରୀର ଆସନରେ ବସେଇଛନ୍ତି । ମୁଁ ମୋର ଶେଷ ନିଶ୍ୱାସ ବହୁଥିବା ପର୍ଯ୍ୟନ୍ତ ଭାରତବାସୀଙ୍କ ସେବା କରିଯିବି ।''

ଉଭୟଙ୍କ ମଧ୍ୟରେ ଏହି ସ୍ନେହ ବନ୍ଧନ ଯୋଗୁ ଭାରତବାସୀ ତାଙ୍କୁ ଆଦରରେ ଡାକୁଥିଲେ – ''ଚାଚା ନେହେରୁ'' । ଚାଚା ଅର୍ଥ ବାପାଙ୍କ ସାନଭାଇ । ଗାନ୍ଧିଜୀଙ୍କୁ ଭାରତବାସୀ ବାପାଙ୍କ ଭଳି ଭଲ ପାଉଥିଲେ । ନେହେରୁଙ୍କୁ ଭଲ ପାଇବା ଥିଲା ଠିକ୍ ତାଙ୍କରି ପଛକୁ ।

ଭାରତର ପରାଧୀନତା ପ୍ରତି ନେହେରୁ ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଭାରତକୁ ମିଶେଇ ଦେଇଥିଲେ ପୃଥିବୀର ଅତ୍ୟାଚାରିତ ଦେଶମାନଙ୍କ ସହ । ସ୍ୱାଧୀନତା ଲାଭ ପରେ ସେ ଅନ୍ୟାନ୍ୟ ଅନୁନ୍ନତ ଦେଶମାନଙ୍କର ମୁକ୍ତି ପାଇଁ ମଧ୍ୟ ଲଢ଼ିଥିଲେ ।

Digitized by srujanika@gmail.com

ବିଶ୍ୱର ବିଭିନ୍ନ ଦରବାରରେ ଦେଶବାସୀଙ୍କୁ ଶୋଷଣ, କଷଣ ଓ ପରାଧୀନତା କବଳରୁ ରକ୍ଷା କରିବା ପାଇଁ ଡାକରା ଦେଇଥିଲେ । ତାଙ୍କ ଶାନ୍ତି ନୀତି ଯୋଗୁ ବିଶ୍ୱର ଚାରିଆଡ଼େ ଭାରତର ମହିମା ପ୍ରଚାରିତ ହୋଇଥିଲା । ମୃତ୍ୟୁବେଳକୁ ସେ ହୋଇଯାଇଥିଲେ "ବିଶ୍ୱମାନବ" ।

ପରିବାର ଓ ଜନ୍ମ

ଜବାହରଲାଲ୍‌ଙ୍କ ପୂର୍ବ ପୁରୁଷମାନେ ଭୂସ୍ୱର୍ଗ କାଶ୍ମୀରର ଅଧିବାସୀ । ସେମାନେ କାଉଲ୍ ବଂଶର ଲୋକ । ସେମାନଙ୍କ ବଂଶର ଜଣେ ରାଜ୍ କାଉଲ ଅତ୍ୟନ୍ତ ପଣ୍ଡିତ ଥିଲେ । ତାଙ୍କର ନାମ ଓ ଯଶ ଥିଲା । ଥରେ ମୋଗଲ ସମ୍ରାଟ ଫାରୁକ୍ ଶାୟାର କାଶ୍ମୀର ବୁଲିବାକୁ ଯାଇଥିଲେ । ସେଠାରେ ସେ ରାଜ୍ କାଉଲ୍‌ଙ୍କ ସୁଖ୍ୟାତି ଶୁଣି ତାଙ୍କୁ ଦିଲ୍ଲୀ ଆସିବାକୁ ଅନୁରୋଧ କଲେ । ୧୭୧୬ ମସିହାରେ ରାଜ୍ କାଉଲ୍ ଦିଲ୍ଲୀ ଆସିଲେ । ମୋଗଲ ସମ୍ରାଟ ଦିଲ୍ଲୀର ଏକ କେନାଲ କୂଳରେ ତାଙ୍କ ପାଇଁ ରହିବା ଘର ଓ କିଛି ଜମିବାଡ଼ିର ବ୍ୟବସ୍ଥା କରିଦେଲେ । କେନାଲକୁ ଉର୍ଦ୍ଦୁଭାଷାରେ 'ନହର୍' କହନ୍ତି । 'ନହର' କୂଳରେ ବାସ କରୁଥିବାରୁ କାଉଲ୍ ପଦବୀ ପରିବର୍ତ୍ତେ ତାଙ୍କ ବଂଶର ଲୋକେ ନେହେରୁ ସାଙ୍ଗିଆରେ ପରିଚିତ ହୋଇଗଲେ ।

୧୮୫୭ ମସିହାରେ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଆରମ୍ଭ ହେଲା । ଏହାକୁ ଇଂରେଜମାନେ ସିପାହୀ ବିଦ୍ରୋହ ଆଖ୍ୟା ଦେଲେ । ଏଥିରେ ମୋଗଲ ସମ୍ରାଟଙ୍କୁ ସାମିଲ କରାଯାଇଥିଲା । ତେଣୁ ବିଦ୍ରୋହ ଦମନ କରି ଇଂରେଜ ଶାସକ ମୋଗଲ ଦରବାରକୁ ଛାରଖାର କରିଦେଲେ । ନେହେରୁଙ୍କ ଜେଜେବାପା ଗଙ୍ଗାଧର ନେହେରୁ ଭୟରେ

Digitized by srujanika@gmail.com

ଦିଲ୍ଲୀ ଛାଡ଼ି ଆଗ୍ରା ପଳାଇଗଲେ । ସେଠାରେ ତାଙ୍କର ପୁଅ ମୋତିଲାଲ୍‌ଙ୍କର ଜନ୍ମ ।

ମୋତିଲାଲ ଦୁଃଖ କଷ୍ଟରେ ପାଠ ପଢ଼ିଥିଲେ । କିନ୍ତୁ ତାଙ୍କର ପାଠପଢ଼ା ଭଲ ହେଉଥିଲା । ସେ ଆଗ୍ରାରୁ ବି. ଏ. ପାଶ୍ କରି ଓକିଲାତି ପଢ଼ିଲେ । ପରୀକ୍ଷାରେ ପ୍ରଥମ ହୋଇ ସ୍ୱର୍ଣ୍ଣ ପଦକ ପାଇଥିଲେ । କାନପୁରରେ ଓକିଲାତି ଆରମ୍ଭ କଲେ । ଶୀଘ୍ର ଶୀଘ୍ର ତାଙ୍କର ନାମ ହୋଇଗଲା । ତେଣୁ ହାଇକୋର୍ଟରେ ଓକିଲାତି କରିବାକୁ ସେ ଏହ୍ଲାବାଦ ଗଲେ । ଏହା ୧୮୮୬ ମସିହାର କଥା ।

ଅତି ଅଳ୍ପଦିନ ମଧ୍ୟରେ ଏହ୍ଲାବାଦ ହାଇକୋର୍ଟର ଓକିଲମାନଙ୍କ ମଧ୍ୟରେ ମୋତିଲାଲ୍ ଆଗେଇ ଗଲେ । ମୋତିଲାଲ୍ ଖୁବ୍ ପରିଶ୍ରମ ଓ ବୁଦ୍ଧି ପ୍ରୟୋଗ କରି ତାଙ୍କ ପକ୍ଷର ମହକିଲମାନଙ୍କୁ ଜିତାଇ ଦେଉଥିଲେ । ସେତେବେଳେ ରାଜା, ମହାରାଜା ମାନଙ୍କ ମଧ୍ୟରେ ଘୋର କଳି ତକରାଳ । ସେମାନେ ପ୍ରଚୁର ଟଙ୍କା ଦେଇ ମୋତିଲାଲ୍‌ଙ୍କୁ ତାଙ୍କ ପକ୍ଷରୁ ଲଢ଼ିବାକୁ ଅନୁରୋଧ କରୁଥିଲେ । ମୋତିଲାଲ୍ ଯଥେଷ୍ଟ ଆୟ କଲେ । ସେହିଭଳି ଖର୍ଚ୍ଚ ମଧ୍ୟ କଲେ, ଭଲରେ ଚଳିଲେ ।

ଏହା ମଧ୍ୟରେ ମୋତିଲାଲ୍‌ଙ୍କର ଦୁଇଟି ସନ୍ତାନ ହୋଇ ଅଳ୍ପଦିନରେ ମରିଯାଇଥାନ୍ତି । ପତ୍ନୀ ସ୍ୱରୂପାରାଣୀଙ୍କ ମନରେ ସୁଖ ନଥାଏ । ୧୮୮୯ ମସିହା ନଭେମ୍ବର ୧୪ ତାରିଖରେ ଜନ୍ମ ନେଲେ ଜବାହରଲାଲ୍ । ସେ ଥିଲେ ଏକୋଇର ବଳା ବିଶିକେସନ । ତାଙ୍କ ଉପରେ ମା, ବାପା ଓ ପରିବାରର ଆଉ ସମସ୍ତଙ୍କ ସ୍ନେହ ଶ୍ରଦ୍ଧା ଅଜାଡ଼ି ହୋଇ ପଡୁଥିଲା । ତାଙ୍କର ଯେପରି କେଉଁଥିରେ ସାମାନ୍ୟ ଅସୁବିଧା ନହୁଏ, ସେଥିପ୍ରତି ସମସ୍ତେ ଜଗିରହୁଥିଲେ ।

Digitized by srujanika@gmail.com

ପିଲାବେଳ

ଜବାହରଲାଲ୍‌ଙ୍କ ପିଲାଦିନ ବେଶ୍ ଆନନ୍ଦରେ କଟିଥିଲା । ପ୍ରତିବର୍ଷ ତାଙ୍କର ଜନ୍ମଦିନ ଖୁବ୍ ଧୁମ୍‌ଧାମରେ ପାଳନ କରାଯାଉଥିଲା । ପରିବାରରେ ସମସ୍ତଙ୍କ ପାଇଁ ନୂଆ ଲୁଗା । ପିଠାପଣା ଯାହାକୁ ଯେତେ । ଜବାହରଙ୍କୁ ଗୋଟିଏ ବଡ଼ ନିକିତିର ଗୋଟିଏ ପାଖରେ ରଖି ଅନ୍ୟ ପାଖରେ ସମାନ ଓଜନର ଗହମ ଥଳି ରଖାଯାଉଥିଲା । ସେଦିନ ସେତକ ଗହମ ଦୁଃଖୀରଙ୍କିଙ୍କ ମଧ୍ୟରେ ବଣ୍ଟାଯାଉଥିଲା ।

ପଣ୍ଡିତ ମୋତିଲାଲ୍ ପୁଅକୁ ଅତ୍ୟନ୍ତ ସ୍ନେହ କରୁଥିଲେ । ତଥାପି ପୁଅର ସାମାନ୍ୟ ଦୋଷ ତ୍ରୁଟି ଦେଖିଲେ ସେ ରାଗିଯାଉଥିଲେ । ସେ କହୁଥିଲେ, ପିଲାବେଳେ ନ ସଜାଡ଼ିଲେ ବଡ଼ ହେଲେ ସେମାନେ ବଡ଼ ବଡ଼ ଭୁଲ୍ କରିବେ । ଥରକର ଘଟଣା । ମୋତିଲାଲ୍ ନିଜ ବୈଠକଖାନାରେ ଦୁଇଟି ସୁନ୍ଦର ସୁନ୍ଦର କଲମ ରଖିଥାନ୍ତି । ଗୋଟିକରେ କଳାକାଳି ଓ ଅନ୍ୟଟିରେ ଲାଲ୍ କାଳି । ସେ ନଥିବା ବେଳେ ଜବାହର ସେ ଘରେ ପଶିଗଲେ । କଲମ ଦୁଇଟି ଚକ୍ ଚକ୍ କରୁଥାଏ । ଗୋଟିଏ ନେବାକୁ ଲୋଭ ହେଲା । ସେ ଭାବିଲେ, "ବାପାତ ଗୋଟିଏ କଲମରେ ଲେଖିବେ । ଦୁଇଟି ରଖିବେ କାହିଁକି ? ଗୋଟିଏ ନେଇଗଲେ ଚଳିବ ।" ସେ ଗୋଟିଏ ନେଇ ଆସିଲେ ।

ସଂଧ୍ୟା ବେଳକୁ ମୋତିଲାଲ୍ ଆସି ଦେଖନ୍ତି - ଗୋଟିଏ କଲମ ଅଛି, ଆଉ ଗୋଟିଏ ନାହିଁ । ସେ ବଡ଼ପାଟିରେ ପଚାରିଲେ । ସମସ୍ତେ ମନା କଲେ । ଜବାହର ମଧ୍ୟ ବାପାଙ୍କ ରାଗ ଦେଖି ମନା କରିଦେଲେ ।

Digitized by srujanika@gmail.com

ମୋତିଲାଲ ଅନୁମାନ କରିନେଲେ, ସେଇ ଘରକୁ ସେ ନଥିବାବେଳେ ଜବାହର ମଝିରେ ମଝିରେ ଆସେ । ତେଣୁ ସେ କଲମଟି ନେଇ ଥାଇପାରେ ।

ସେ ରାଗରେ ଚାପୁଡ଼ାଏ ମାରିବାରୁ ଜବାହର ମାନିଗଲେ । ପୁଣି ସେ ମାଡ଼ ଦେଲେ । କହିଲେ, ''ଏଡ଼େ ବକଟେ ପିଲା, ଚୋରି କରୁଛୁ, ମିଛ କହୁଛୁ ?''

ଜବାହର ମାଡ଼ ଖାଇ ଖୁବ୍ କାନ୍ଦିଲେ । ମା' ଆସି କେତେ ବୁଝେଇଲେ । ପରେ ଜବାହର ବୁଝିଗଲେ ଯେ କାହାକୁ ନକହି କିଛି ଜିନିଷ ନେବା ଚୋରି ସହ ସମାନ । ଏପରି କାମ କରିବା ଉଚିତ ନୁହେଁ । ସେଥିନିମନ୍ତେ ବାପା ତାଙ୍କୁ ଦଣ୍ଡ ଦେଇ ଠିକ୍ କରିଛନ୍ତି ।

ପିଲାଦିନେ ଜବାହରଙ୍କ ଘରେ ଜଣେ ବୁଢ଼ା ମୁସଲମାନ ଗୁମାସ୍ତା ଥିଲେ । ଜବାହରଙ୍କ ପୂର୍ବପୁରୁଷଙ୍କ ଭଳି ତାଙ୍କର ପୂର୍ବ ପୁରୁଷ ମଧ୍ୟ ସିପାହୀ ବିଦ୍ରୋହରେ ଯୋଗ ଦେଇଥିଲେ । ବିଦ୍ରୋହ ଦମନ କରିବା ପରେ ତାଙ୍କ ପରିବାରକୁ ବହୁତ ହଇରାଣ କରାଯାଇଥିଲା । ସେ ଗରିବ ହୋଇଯାଇଥିଲେ ମଧ୍ୟ ଅନେକ କଥା ଜାଣିଥିଲେ । ସେ ଥିଲେ ଜବାହରଙ୍କର ପ୍ରିୟ ଚାଚା । ଆରବ ଓ ପାରସ୍ୟ ଦେଶର ବହୁ ମନଲୋଭା କାହାଣୀ ସେ ଜବାହରଙ୍କୁ ଶୁଣାଉଥିଲେ । ତା'ସହ ସିପାହୀ ବିଦ୍ରୋହ ଓ ଇଂରେଜମାନଙ୍କ ଅତ୍ୟାଚାର କଥା ମଧ୍ୟ କହୁଥିଲେ ।

ଜବାହରଙ୍କ ମା' ସ୍ୱରୂପାରାଣୀ ଅତ୍ୟନ୍ତ ଧର୍ମ-ପରାୟଣା ମହିଳା ଥିଲେ । ସେ ବହୁ ସମୟରେ ବିଭିନ୍ନ ମନ୍ଦିରକୁ ଯାଇ ପୂଜା କରୁଥିଲେ ।

Digitized by srujanika@gmail.com

ଜବାହରଙ୍କୁ ହିନ୍ଦୁ ପୁରାଣ, ରାମାୟଣ ଓ ମହାଭାରତର କାହାଣୀ ସବୁ କହୁଥିଲେ । ତେଣୁ ବିଦ୍ୟାଳୟରେ ପଢ଼ିବା ପୂର୍ବରୁ ନିଜ ଘରେ ଜବାହର ଅନେକ କଥା ଜାଣି ସାରିଥିଲେ । ଜବାହରଙ୍କୁ ଦଶ ବର୍ଷ ବୟସ ହୋଇଥାଏ । ସେତିକିବେଳେ ମୋତିଲାଲ୍ ଏହ୍ଲାବାଦର ଗୋଟିଏ ବଡ଼ କୋଠାଘର କିଣିଲେ । ବିରାଟ ହତା । ଭିତରେ ବଗିଚା ଓ ସୁନ୍ଦର ପୋଖରୀଟିଏ । କୋଠାଘରର ଚାରିପଟେ ରଙ୍ଗ ବେରଙ୍ଗର ଫୁଲ ଫଳ ଗଛ । ଏହାକୁ ସେ ନାମ ଦେଲେ 'ଆନନ୍ଦ ଭବନ' ।

ଏହି ସମୟରେ ମୋତିଲାଲ୍‌ଙ୍କର ଝିଅଟିଏ ହେଲା । ତାଙ୍କର ନାଁ ହେଲା ବିଜୟଲକ୍ଷ୍ମୀ । ବଡ଼ ଘରେ ଜବାହର ଜନ୍ମ ହୋଇଥିଲେ । କେଉଁଥିରେ ତାଙ୍କର ଅଭାବ ନଥିଲା । ମାତ୍ର ସାଥୀଟିଏ ନଥିଲା ଖେଳିବା ପାଇଁ । ବଡ଼ ଘରର ପୁଅଙ୍କ ସହ ବାହାରର ପିଲାମାନେ ଖେଳିବା ମନା । ତେଣୁ ଜବାହର ଅନେକ ସମୟରେ ଏକାକୀ ଥାଆନ୍ତି । ମନ ମାରି ବସନ୍ତି । ଏବେ ସାନ ଭଉଣୀଟିଏ ହେବାରୁ ତାଙ୍କୁ ବେଶ୍ ଭଲ ଲାଗିଲା । ତା'ସହ ଖେଳିଲେ । 'ଆନନ୍ଦ ଭବନ'ରେ ତାଙ୍କର ଆନନ୍ଦର ସୀମା ରହିଲା ନାହିଁ । ଏହି ଝିଅ ବିଜୟଲକ୍ଷ୍ମୀ ବଡ଼ ହୋଇ ସାରା ପୃଥିବୀରେ ଖ୍ୟାତି ଅର୍ଜନ କରିଥିଲେ ।

ପଢ଼ାପଢ଼ି

ଜବାହରଙ୍କୁ ଏଗାର ବର୍ଷ ବୟସ । ସେତେବେଳେ ଆନିବେସାନ୍ତ ଭାରତର ଜଣେ ବଡ଼ ନେତ୍ରୀ । ପିତା ମୋତିଲାଲ୍‌ଙ୍କର ତାଙ୍କ ସହ ଖୁବ୍ ଜଣାଶୁଣା । ସେ ପରାମର୍ଶ ଦେଲେ, ବ୍ରୁକ୍ସ ସାହେବଙ୍କୁ ଜବାହରଙ୍କ ପାଇଁ ଘରୋଇ ଶିକ୍ଷକ ରଖିବାକୁ । ମୋତିଲାଲ୍ ସଙ୍ଗେ ସଙ୍ଗେ ତାଙ୍କୁ

Digitized by srujanika@gmail.com

ଆଣି ଘରେ ରଖିଲେ । ସେ ତିନିବର୍ଷ କାଳ ଜବାହରଙ୍କୁ ଶିକ୍ଷା ଦେଲେ । ଜବାହରଙ୍କ ମନରେ ଅଧିକରୁ ଅଧିକ ପଢ଼ିବାର ନିଶା ସେ ଭରି ଦେଲେ । ଇଂରେଜୀ ଭାଷାରେ ଶିଶୁମାନଙ୍କ ପାଇଁ ବହୁ ବଡ଼ ବଡ଼ ଲେଖକ ଅନେକ ବହି ଲେଖିଛନ୍ତି । ସେସବୁ ବହି ଜବାହର ପଢ଼ି ଦେଲେ । ଇଂରେଜୀ କବିତା ପ୍ରତି ତାଙ୍କର ଆଗ୍ରହ ବଳିଲା । ବ୍ରୁକ୍ସ ସାହେବ ଜବାହରଙ୍କ ମନରେ ବିଜ୍ଞାନ ପ୍ରତି ମଧ ଆକର୍ଷଣ ସୃଷ୍ଟି କଲେ । ଘରେ ସେମାନେ ଗୋଟିଏ ଛୋଟ ବିଜ୍ଞାନାଗାର ଗଢ଼ିଲେ । ସେଇଠି ଛୋଟ ଛୋଟ ବୈଜ୍ଞାନିକ ପରୀକ୍ଷା କରାଗଲା । ଏଥିରେ ଜବାହରଙ୍କୁ ବେଶ୍ ଆନନ୍ଦ ମିଳିଲା ।

ବ୍ରୁକ୍ସ ସାହେବ ସମ୍ବାଦପତ୍ର ପଢ଼ିବାକୁ ଜବାହରଙ୍କୁ ପ୍ରେରଣା ଦେଲେ । ତାଙ୍କ କଥା ମାନି ଜବାହର ସମ୍ବାଦପତ୍ର ନିୟମିତ ପାଠ କଲେ । ଦେଶ ବିଦେଶର ଘଟଣା ସବୁ ଜାଣିଲେ । ତାଙ୍କର ସାଧାରଣ ଜ୍ଞାନ ଅସାଧାରଣ ଭାବେ ବଢ଼ିଗଲା ।

ବ୍ରୁକ୍ସ ସାହେବ ଅନ୍ୟ ଗୋଟିଏ ବଡ଼ କାମ ପାଇଁ ଚାଲିଗଲେ । ମୋତିଲାଲ୍ ଏବେ ଜବାହରଙ୍କୁ ଇଂଲଣ୍ଡରେ ଶିକ୍ଷା ଦେବାକୁ ସ୍ଥିର କଲେ । ସେ ପତ୍ନୀ ସ୍ୱରୂପାରାଣୀ ଓ ପୁଅ ଜବାହରଙ୍କୁ ସାଙ୍ଗରେ ଧରି ଇଂଲଣ୍ଡ ଗଲେ । ପ୍ରସିଦ୍ଧ ହ୍ୟାରୋ ସ୍କୁଲରେ ତାଙ୍କର ନାମ ଲେଖାଇ ଦେଇ ଫେରିଲେ ।

ଘରଠାରୁ କାହିଁ କେତେ ଦୂର ! ଚାରିଆଡ଼େ ଅପରିଚିତ ଲୋକ । ଜବାହରଙ୍କୁ ଖାଲି ଏକୁଟିଆ ଏକୁଟିଆ ଲାଗୁଥାଏ । ଘରକଥା ମନରେ ପଡୁଥାଏ । କିନ୍ତୁ ଧୀରେ ଧୀରେ ସେ ଖେଳରେ ମନ ଦେଲେ ।

Digitized by srujanika@gmail.com

ପାଠପଢ଼ା ପ୍ରତି ତାଙ୍କର ଆଗ୍ରହ ସୃଷ୍ଟି ହେଲା । ହ୍ୟାରୋର ସମସ୍ତ ଛାତ୍ରଛାତ୍ରୀଙ୍କ ଅପେକ୍ଷା ଜବାହରଙ୍କ ସାଧାରଣ ଜ୍ଞାନ ଅଧିକ ଥିଲା । ଥରେ ଶିକ୍ଷକ ଇଂଲଣ୍ଡରେ ନୂଆ ହୋଇ ଗଠିତ ମନ୍ତ୍ରିମଣ୍ଡଳ ସମ୍ପର୍କରେ ଶ୍ରେଣୀ ଗୃହରେ ପଚାରିଲେ । ଜବାହର କେବଳ ସଠିକ ଉତ୍ତର ଦେଲେ । ଏପରିକି ଷାଠିଏ ବାଷଠି ଜଣ ମନ୍ତ୍ରୀଙ୍କର ନାମ ଓ କେତେଜଣ ବଡ଼ ମନ୍ତ୍ରୀଙ୍କର ବିଭାଗ ମଧ୍ୟ କହିଦେଲେ । ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷାର୍ଥୀ ଆଶ୍ଚର୍ଯ୍ୟ ନହୋଇ ରହିପାରିଲେ ନାହିଁ ।

ଏହି ସମୟରେ ସେ ଖଣ୍ଡିଏ ବହି ପୁରସ୍କାର ପାଇଥିଲେ । ବହିଟି ଥିଲା ଗାରିବାଲ୍‌ଡ଼ିଙ୍କ ଜୀବନୀ । ଇଟାଲୀ ଦେଶ ଖଣ୍ଡ ଖଣ୍ଡ ହୋଇ ପଡ଼ୋଶୀ ଦେଶର ଶାସକମାନଙ୍କ ଅଧୀନରେ ଥିଲା । ଗାରିବାଲଡ଼ି ଅପୂର୍ବ ସାହସ ଓ ବୁଦ୍ଧି ବଳରେ ଇଟାଲୀର ଏକତ୍ରୀକରଣ କରାଇଥିଲେ । ଇଟାଲୀର ସମ୍ମାନ ବଢ଼ାଇଥିଲେ । ସେହି ବହିଟି ନେହେରୁଙ୍କୁ ଖୁବ୍ ପ୍ରଭାବିତ କରିଥିଲା । ସେ ମନେ ମନେ ଭାବୁଥିଲେ, ବଡ଼ ହେଲେ ଗାରିବାଲ୍‌ଡ଼ିଙ୍କ ଭଳି ସେ ଭାରତମାତାର ଦୁଃଖ ଦୂର କରିବେ ।

ଜବାହର ହ୍ୟାରୋରେ ଦୁଇବର୍ଷ ପଢ଼ିଲେ । ତା'ପରେ ଗୋଟିଏ ବଡ଼ ଶିକ୍ଷାନୁଷ୍ଠାନକୁ ଯିବାକୁ ତାଙ୍କ ମନ ଛଟ ପଟ ହେଲା । ବାପାଙ୍କ ଅନୁମତି ନେଲେ । କେମ୍ବ୍ରିଜ ବିଶ୍ୱ ବିଦ୍ୟାଳୟର ଟ୍ରିନିଟି କଲେଜରେ ନାମ ଲେଖାଇଲେ । ଏଠାରେ ସେ ରସାୟନ ଶାସ୍ତ୍ର, ଖଣିତତ୍ତ୍ୱ, ଉଦ୍ଭିଦ ବିଜ୍ଞାନ ପଢ଼ିଲେ । ଏହାଛଡ଼ା ଇଂରାଜୀ, ସାହିତ୍ୟ, ଇତିହାସ, ରାଜନୀତି ଓ ଅର୍ଥନୀତିରେ ମଧ୍ୟ ଜ୍ଞାନ ଅର୍ଜନ କଲେ । ପାଠପଢ଼ାରେ ଆଗୁଆ ଥିଲେ ମଧ୍ୟ ଜବାହର ଲାଜକୁଳା ଥିଲେ । ତର୍କ ସଭାରେ ଠିଆ ହୋଇ

Digitized by srujanika@gmail.com

ବକ୍ତୃତା ଦେଇ ପାରୁ ନଥିଲେ । ସେଥିପାଇଁ ସେ ଢୋରିମାନା ଦେଉଥିଲେ । ସେତେବେଳେ ଭାରତର ଅନେକ ବଡ଼ ବଡ଼ ନେତା ବିଲାତ ଯାଉଥିଲେ । ସେମାନେ କେମ୍ବ୍ରିଜ ବିଶ୍ୱ ବିଦ୍ୟାଳୟକୁ ଯାଇ ଭାରତୀୟ ଛାତ୍ରମାନଙ୍କୁ ଭେଟୁଥିଲେ । ସ୍ୱାଧୀନତା ଆନ୍ଦୋଳନ କଥା କହୁଥିଲେ । ସେମାନଙ୍କ ମଧ୍ୟରେ ଥିଲେ ବିପିନ୍ ଚନ୍ଦ୍ର ପାଲ୍, ଲାଲା ଲଜ୍‌ପତ୍ ରାୟ ଓ ଗୋପାଳ କୃଷ୍ଣ ଗୋଖଲେ । ଲାଲାଜୀଙ୍କ ଆଲୋଚନା ନେହେରୁଙ୍କୁ ଖୁବ୍ ପ୍ରଭାବିତ କରିଥିଲା ।

କେମ୍ବ୍ରିଜରେ ତିନି ବର୍ଷ ପଢ଼ି ସେ ଡିଗ୍ରୀ ହାସଲ କଲେ । ମୋତିଲାଲ୍ ତାଙ୍କୁ ପରାମର୍ଶ ଦେଲେ ଆଇନ ପାଠ ପଢ଼ିବା ପାଇଁ । ଆଇନ ବ୍ୟବସାୟ ସ୍ୱାଧୀନ ଓ ସମ୍ମାନ ଜନକ ବୃତ୍ତି ଥିଲା । ଜବାହର ଆଇନ କଲେଜରେ ନାମ ଲେଖାଇଲେ । ଶୀଘ୍ର ଶୀଘ୍ର ଆଇନ ପାଠ ଆୟତ୍ତ କରି ନେଲେ । ଦୁଇବର୍ଷରେ ଡିଗ୍ରୀ ହାସଲ କଲେ । ଏହି ସମୟରେ ସେ ଇଉରୋପର ଅନେକ ଦେଶ ବୁଲିଥିଲେ । ବହୁ ଅଭିଜ୍ଞତା ଅର୍ଜନ କରିଥିଲେ । ମୋଟାମୋଟି ବିଲାତରେ ପାଠ ପଢ଼ାରେ ଜବାହରଙ୍କର ସାତ ବର୍ଷ କଟିଗଲା ।

କର୍ମଜୀବନ

୧୯୧୨ ମସିହା ବସନ୍ତ ଋତୁ । ବାରିଷ୍ଟରୀ ପାସ୍ କରି ଜବାହର ଭାରତକୁ ଫେରି ଆସିଲେ । ବାପାଙ୍କ ପରାମର୍ଶ କ୍ରମେ ଏହ୍ଲାବାଦ ହାଇକୋର୍ଟରେ ଓକିଲାତି ଆରମ୍ଭ କଲେ । ଧୀରେ ଧୀରେ ତାଙ୍କର ଲାଜକୁଳା ସ୍ୱଭାବ ଚାଲିଗଲା । ସେ ଖୁବ୍ ପରିଶ୍ରମ କରି ବାପାଙ୍କ ପାଖରୁ ଆଇନର ପ୍ରୟୋଗ ଶିଖିଲେ । ସଫଳତାର ସହ ମକଦ୍ଦମା

Digitized by srujanika@gmail.com

ଲଢ଼ି ଜୟଯୁକ୍ତ ହେଲେ । ଓକିଲାତି ବ୍ୟବସାୟରେ ତାଙ୍କର ଭବିଷ୍ୟତ ଉଜ୍ଜ୍ୱଳ ବୋଲି ସମସ୍ତେ କହିଲେ ।

ବିଲାତରେ ପଢ଼ିବାବେଳେ ସେ ଭାରତମାତାର ପରାଧୀନତା କଥା ଭାବି ମନେ ମନେ ଦୁଃଖ ପାଉଥିଲେ । ଅଥଚ ଭାରତରେ ଓକିଲାତି କରି ସେ କେବଳ ଗୁଡ଼ାଏ ଅର୍ଥ ଉପାର୍ଜନ କରୁଛନ୍ତି । ଏହା ତାଙ୍କୁ ଭଲ ଲାଗିଲା ନାହିଁ । ରାଜନୀତି କରିବାକୁ ତାଙ୍କ ମନ ଛଟପଟ ହେଉଥାଏ । ସେତେବେଳେ ଭାରତରେ ଆନ୍ଦୋଳନ ମାନ୍ଦେଇ ଯାଇଥାଏ । ବଙ୍ଗ ଭଙ୍ଗ ଆନ୍ଦୋଳନ ଥଣ୍ଡା । ବାଳ ଗଙ୍ଗାଧର ତିଳକ ମାଣ୍ଡାଲେ ଜେଲ୍‌ରେ ବନ୍ଦୀ । କଂଗ୍ରେସ ସଙ୍ଗଠନ ମାନ୍ଧା ନେତା ମାନଙ୍କ ହାତରେ । ତଥାପି ଗୋପାଳକୃଷ୍ଣ ଗୋଖ୍‌ଲେଙ୍କ କର୍ମନିଷ୍ଠା ତାଙ୍କୁ ଭଲ ଲାଗିଲା । ସେ ତାଙ୍କ ପ୍ରଭାବରେ ସାଧାରଣ ସମାଜ ସେବା କାର୍ଯ୍ୟ ନିମନ୍ତେ ଉତ୍ସାହିତ ହେଲେ ।

କମଳାଙ୍କ ସହ ବିବାହ

୧୯୧୬ ମସିହା ବସନ୍ତ ପଞ୍ଚମୀ ତିଥି । ଷୋଳ ବର୍ଷ ବୟସ୍କା କାଶ୍ମିରୀ ବ୍ରାହ୍ମଣ ଝିଅ କମଳାଙ୍କ ସହ ଜବାହରଙ୍କ ବିବାହ ସମ୍ପନ୍ନ ହେଲା । ଦିଲ୍ଲୀରେ ବିଭାଘର । ତେଣୁ ଏହ୍ଲାବାଦରୁ ଗୋଟିଏ ରେଳଗାଡ଼ି ରିଜର୍ଭ କରି ମୋତିଲାଲ୍ ବରଯାତ୍ରୀମାନଙ୍କୁ ନେଇ ବିବାହ ଉତ୍ସବ କରାଇଲେ । କମଳାଙ୍କୁ ମୋତିଲାଲ୍ ନିଜର ଝିଅ ଭଳି ଭଲ ପାଉଥିଲେ । କମଳା ଯେପରି ସୁନ୍ଦରୀ ଥିଲେ ସେପରି ଗୁଣବତୀ ଥିଲେ । ଶାଶୁ, ଶ୍ୱଶୁର ଓ ପତି ଭକ୍ତି ଯୋଗୁଁ ସେ ଶୀଘ୍ର ସମସ୍ତଙ୍କର ଆଦରର ପାତ୍ରୀ ହୋଇଗଲେ । ପ୍ରଥମ ବିଶ୍ୱଯୁଦ୍ଧ ଚାଲିଥାଏ । ଭାରତୀୟମାନେ ଇଂଲଣ୍ଡକୁ

Digitized by srujanika@gmail.com

ଯୁଦ୍ଧ ପାଇଁ ବିପୁଳ ଅର୍ଥ ସାହାଯ୍ୟ କରୁଥାନ୍ତି । ସୈନ୍ୟ ବାହିନୀରେ ଯୋଗ ଦେଇ ବ୍ରିଟିଶ ଶକ୍ତି ସପକ୍ଷରେ ଲଢ଼ି ପ୍ରାଣ ଦେଉଥାଆନ୍ତି । ଭାରତର ଅନ୍ୟତମ ମହାନ ନେତ୍ରୀ ଆନିବେସାନ୍ତ ଇଂରେଜ ସରକାରଙ୍କୁ ଚିଠି ଲେଖିଲେ, ''ଭାରତୀୟମାନଙ୍କ ତ୍ୟାଗ ଓ ସାହାଯ୍ୟର ତୁଳନା ନାହିଁ । ଯୁଦ୍ଧରେ ଇଂରେଜମାନେ ଜୟ ଲାଭ କଲେ ଭାରତୀୟମାନଙ୍କୁ 'ସ୍ୱୟଂ ଶାସନ' କ୍ଷମତା ପ୍ରଦାନ କରନ୍ତୁ ।'' ମାତ୍ର ଇଂରେଜ ସରକାର ତାଙ୍କ ଚିଠିର ଉତ୍ତର ଦେଲେ ନାହିଁ । ଏହି ସମୟରେ ତିଳକ ମହାରାଜ ଜେଲ୍‌ରୁ ଖଲାସ ହେଲେ । ଇଂରେଜ ସରକାରଙ୍କ ଏପ୍ରକାର ମନୋଭାବ ତାଙ୍କୁ ଭଲ ଲାଗିଲା ନାହିଁ । ଆନିବେସାନ୍ତ ଓ ତିଳକ ମହାରାଜ ମିଶି ଇଂରେଜ ସରକାରଙ୍କ ବିରୁଦ୍ଧରେ 'ହୋମ୍‌ରୁଲ୍' ବା 'ସ୍ୱୟଂ ଶାସନ' ସଙ୍ଗଠନ ଗଢ଼ିଲେ ।

ଚାରିଆଡ଼େ ଆନ୍ଦୋଳନ ବ୍ୟାପିଗଲା । ଜବାହରଲାଲ୍ ସେଥିରେ ଯୋଗ ଦେଲେ । ଇଂରେଜ ସରକାର ଆତଙ୍କ ଗଣିଲେ । ଆନିବେସାନ୍ତଙ୍କୁ ଗୃହ ବନ୍ଦିନୀ କରି ନେଲେ । ଏଥର ମୋତିଲାଲ୍ ମଧ୍ୟ ରାଗିଲେ । ସେ ସଙ୍ଗେ ସଙ୍ଗେ ଏହ୍ଲାବାଦରେ 'ହୋମ୍‌ରୁଲ୍' ସଙ୍ଗଠନର ଶାଖା ଖୋଲିଲେ । ଏଥିରେ ମୋତିଲାଲ୍ ସଭାପତି ନିର୍ବାଚିତ ହେଲେ ଏବଂ ଜବାହରଲାଲ୍ ହେଲେ ଯୁଗ୍ମ ସମ୍ପାଦକ ।

ପ୍ରଥମଥର ପାଇଁ ଗାନ୍ଧିଜୀଙ୍କ ଦର୍ଶନ

୧୯୧୬ ମସିହା । ଲକ୍ଷ୍ନୌରେ ଭାରତୀୟ ଜାତୀୟ କଂଗ୍ରେସ ଅଧିବେଶନ ବସିଲା । ଗାନ୍ଧିଜୀ ଏଥିରେ ଯୋଗ ଦେଇଥିଲେ । ଦକ୍ଷିଣ ଆଫ୍ରିକାରେ ସତ୍ୟାଗ୍ରହ ଜରିଆରେ ଗାନ୍ଧିଜୀ ସେଠା କଳା ଲୋକଙ୍କ

Digitized by srujanika@gmail.com

ଉପରେ ଅତ୍ୟାଚାର ବନ୍ଦ କରାଇ ଦେଇଥିଲେ । ଏଇ ସଫଳତା ପାଇଁ କଂଗ୍ରେସର ନେତାମାନେ ଗାନ୍ଧିଜୀଙ୍କ ଉଚ୍ଚ ପ୍ରଶଂସା କରୁଥାନ୍ତି । ପ୍ରଥମ ଥର ନିମନ୍ତେ ଜବାହର ଏଇଠି ଗାନ୍ଧିଜୀଙ୍କୁ ଦେଖିଲେ । କିନ୍ତୁ ଅନ୍ୟାନ୍ୟ ନେତାଙ୍କ ଭଳି ଗାନ୍ଧିଜୀ ଗରମାଗରମ ଭାଷଣ ଦେଉ ନଥାନ୍ତି । ତେଣୁ ଜବାହରଙ୍କୁ ନିରାଶ ଲାଗିଲା ।

ଚମ୍ପାରଣରେ ନୀଳଚାଷୀଙ୍କ ଆନ୍ଦୋଳନ

୧୯୧୭ ମସିହା । ବିହାରର ଚମ୍ପାରଣ ଜିଲ୍ଲାର ଚାଷୀମାନେ ନୀଳଚାଷ କରୁଥିଲେ । ଗୋରା ଲୋକେ ସେମାନଙ୍କ ଉପରେ ବହୁତ ଅତ୍ୟାଚାର କରୁଥିଲେ । ଅତିରିକ୍ତ କର ବସାଉଥିଲେ । ତେଣୁ ନୀଳ ଚାଷୀମାନେ ଆନ୍ଦୋଳନ କଲେ । ଗାନ୍ଧିଜୀ ବାଟ ବତେଇଲେ । ଶେଷରେ ଚାଷୀମାନେ ସଫଳ ହେଲେ । ଏହା ପରେ ଜବାହରଲାଲ୍‌ଙ୍କର ଗାନ୍ଧିଜୀଙ୍କ ନେତୃତ୍ୱ ଉପରେ ବିଶ୍ୱାସ ଆସିଲା ।

ଏହି ସମୟରେ ନାରୀ ନେତ୍ରୀ ସରୋଜିନୀ ନାଇଡୁ ଏହ୍ଲାବାଦ ଆସିଲେ । ଜାତୀୟତାବାଦ ଓ ଦେଶପ୍ରେମ ଉପରେ ସୁନ୍ଦର ସୁନ୍ଦର ଭାଷଣ ଦେଲେ । ଏହା ଜବାହରଙ୍କ ମନକୁ ବେଶ୍ ପାଇଲା । ତାଙ୍କ ଭିତରେ ଦେଶପ୍ରେମ ଓ ଜାତୀୟତାଭାବ ସୃଷ୍ଟି ହେଲା । ସେ ଦେଶ ପାଇଁ କାମ କରିବାକୁ ଉଚ୍ଛନ୍ନ ହେଲେ । ଓକିଲାତି ବ୍ୟବସାୟ ଛାଡ଼ି ଦେଇ ପୂରାପୂରି ଦେଶ କାମରେ ମନ ପ୍ରାଣ ଢାଳି ଦେଲେ ।

ଇନ୍ଦିରାଙ୍କ ଜନ୍ମ

୧୯୧୭ ମସିହା ନଭେମ୍ବର ୧୯ ତାରିଖ । ପତ୍ନୀ କମଳାଙ୍କ ଗର୍ଭରୁ ଜବାହରଙ୍କର ପ୍ରଥମ କନ୍ୟା ଜନ୍ମ ନେଲା । କନ୍ୟାଟିର ନାମ

Digitized by srujanika@gmail.com

ରଖାଗଲା ଇନ୍ଦିରା । ପରିବାରରେ ଆନନ୍ଦ ଉତ୍ସବ ଖେଳିଗଲା । ସେହି ଇନ୍ଦିରା ବଡ଼ ହୋଇ ଭାରତର ପ୍ରଧାନମନ୍ତ୍ରୀ ହୋଇଥିଲେ । ବାପାଙ୍କ ଭଳି ସେ ମଧ୍ୟ ଖୁବ୍ ଦୃଢ଼ମନା ଥିଲେ । ଦେଶ ବିଦେଶରେ ସେ ଅନେକ କାମ କରି ଭାରତର ଟେକ ରଖିଥିଲେ । କିନ୍ତୁ ଇନ୍ଦିରାଙ୍କ ଜନ୍ମ ପରେ ପରେ କମଳାଙ୍କ ସ୍ୱାସ୍ଥ୍ୟ ନଷ୍ଟ ହୋଇଗଲା ।

ସ୍ୱାଧୀନତା ସଂଗ୍ରାମରେ ଜବାହରଙ୍କ ଯୋଗଦାନ

ପ୍ରଥମ ବିଶ୍ୱଯୁଦ୍ଧରେ ଇଂରେଜମାନେ ଜିତିଲେ । ଭାରତବାସୀମାନେ ଦାବି କରି ଆସୁଥିଲେ, "ଆମେ ଏତେ କଷ୍ଟ କରିଛୁ । ଆମକୁ କିଛି ସ୍ୱୟଂ ଶାସନ କ୍ଷମତା ଦିଅ ।" ମାତ୍ର ସେମାନଙ୍କ ଆଶା ଆଶାରେ ରହିଗଲା । ପିଲାଙ୍କୁ ଭଣ୍ଡେଇଲା ଭଳି ଯେଉଁ ଟିକେକ ସୁବିଧା ସୁଯୋଗ ଦେଲେ, ସେଥିରେ ପଣ୍ଡିତ ମୋତିଲାଲ୍, ଚିତ୍ତରଞ୍ଜନ ଦାସ ଓ ଅନ୍ୟାନ୍ୟ ବହୁ ନେତା ସନ୍ତୁଷ୍ଟ ହେଲେ ନାହିଁ । ଭାରତରେ ଏକ ବଡ଼ ଧରଣର ବିପ୍ଳବ ହେବାର ଆଶଙ୍କା ଦେଖା ଦେଲା । ଏହାକୁ ଦବାଇ ଦେବା ପାଇଁ ଗୋରା ସରକାର ରାଉଲଟ୍ ଆଇନ୍ ନାମରେ ଗୋଟିଏ ଭୟଙ୍କର କଳା ଆଇନ ଜାରୀ କଲେ । କୌଣସି ଲୋକକୁ ସରକାର ଆନ୍ଦୋଳନକାରୀ ବୋଲି ଭାବିଲେ, ବିନା ବିଚାରରେ ତାକୁ ଗିରଫ କରି ଜେଲ୍‌ରେ ପୂରେଇ ଦେବେ । ଦେଶର ବଡ଼ ବଡ଼ ନେତା ଏହି କଳା ଆଇନର ବିରୋଧ କଲେ । ଚାରିଆଡ଼େ ପ୍ରତିବାଦ ସଭା ହେଲା । ଜବାହର ବାହାରିଲେ ଖୋଲାଖୋଲି ଆନ୍ଦୋଳନରେ ଯୋଗ ଦେବାକୁ । ସେଥିରେ ଲାଠି ମାଡ଼ ଓ ଜେଲ୍‌ଦଣ୍ଡର ଭୟ ଅଛି । ତେଣୁ ଗୋଟିଏ ବୋଲି ପୁଅକୁ ଏପରି କଷ୍ଟ ମୁହଁକୁ ଠେଲି ଦେବାକୁ ମୋତିଲାଲ୍ ରାଜି ହେଲେ ନାହିଁ ।

Digitized by srujanika@gmail.com

ଜବାହର ରୁଷିଲେ । ଖାଇଲେ ନାହିଁ । ଶେଷରେ ଗାନ୍ଧିଜୀଙ୍କୁ ଡକରା ହେଲା । ଗାନ୍ଧିଜୀ ଆସି ସବୁ ଶୁଣିଲେ । ଜବାହରଙ୍କୁ ଉପଦେଶ ଦେଲେ -"ବାପାଙ୍କ ମନରେ କଷ୍ଟ ଦେଲା ଭଳି କିଛି କାମ କର ନାହିଁ" । ଏଥିରେ ଜବାହର ସନ୍ତୁଷ୍ଟ ହେଲେ ନାହିଁ । କିନ୍ତୁ ଗାନ୍ଧିଜୀଙ୍କ କଥା ମାନିଲେ ।

ରକ୍ତରେ ହୋରି ଖେଳ

୧୯୧୯ ମସିହା ଏପ୍ରିଲ ୧୩ ତାରିଖ । ବୈଶାଖ ପୂର୍ଣ୍ଣମୀ । ପଞ୍ଜାବର ଜାଲିଆନାୱାଲାବାଗଠାରେ ରାଉଲଟ୍‌ଙ୍କ କଳା ଆଇନ୍ ବିରୁଦ୍ଧରେ ପ୍ରତିବାଦ ସଭା ହେଉଥାଏ । ପ୍ରାୟ କୋଡ଼ିଏ ହଜାର ଲୋକ ଯୋଗ ଦେଇଥାନ୍ତି । ଏହି ସମୟରେ ଗୋରା ସାହେବ ଡାୟାର ଆଦେଶ ଦେଲେ ସଭା ଭାଙ୍ଗି ଶୀଘ୍ର ପଳାଇଯାଅ । ସଭାସ୍ଥଳର ତିନିପଟେ ପାଚେରୀ । ଏତେ ସହଜରେ ଲୋକେ କୁଆଡ଼େ ଯାଇପାରିବେ ? ଡାୟାର ସାହେବଙ୍କ ଆଦେଶରେ ଗୋରା ଫଉଜ ନିରୀହ ଲୋକଙ୍କ ଉପରକୁ ଗୁଳି ଚଳାଇଲେ । ହଜାରେ ଲୋକ ସେଇଠି ଗୁଳିମାଡ଼ରେ ଟଳି ପଡ଼ିଲେ । ହଜାର ହଜାର ଲୋକ ଆହତ ହେଲେ । ହଜାର ହଜାର ଲୋକଙ୍କୁ ବାନ୍ଧି ଜେଲ୍‌ରେ ପୂରାଇ ଦିଆଗଲା । ବେତମାଡ଼ରେ ସେମାନଙ୍କ ପିଠି ଫାଟିଲା । ପଞ୍ଜାବ ସାରା ଆତଙ୍କରାଜ ବ୍ୟାପିଗଲା ।

ଭାରତବାସୀଙ୍କୁ ସବୁଦିନ ପାଇଁ ଡରେଇ ଦେବେ ବୋଲି ଡାୟାର ସାହେବ ଗୁଳି ଚଳାଇବାକୁ ଗୋରା ଫଉଜଙ୍କୁ ଆଦେଶ ଦେଇଥିଲେ । କିନ୍ତୁ ଓଲଟା ଫଳ ହେଲା । ଚାରିଆଡ଼େ ହରତାଳ ଓ ସଭା ସମିତି ହେଲା । ଗାନ୍ଧିଜୀ ଖୁବ୍ ରାଗିଗଲେ । ଘୋଷଣା କଲେ - "ଏ ସଇତାନ

Digitized by srujanika@gmail.com

ସରକାରକୁ ଏଦେଶରୁ ନିଶ୍ଚୟ ତଡ଼ିବାକୁ ହେବ । ଏ ସରକାର ସହିତ ଆମର ଭଲ ସମ୍ପର୍କ ତୁଟିଲା । ଅତ୍ୟାଚାରୀଙ୍କ ସହ ସହଯୋଗ ଅସମ୍ଭବ । ଏମାନଙ୍କ ସ୍କୁଲ କଲେଜକୁ ପିଲା ପଠାଇବା ନାହିଁ । ଏମାନଙ୍କ କୋର୍ଟ କଚେରୀରେ ଓକିଲମାନେ ମକଦ୍ଦମା ଲଢ଼ିବେ ନାହିଁ ।'' ସେ ଆରମ୍ଭ କରିଦେଲେ ''ଅସହଯୋଗ ଆନ୍ଦୋଳନ ।''

ପରିବାର

ଦେଶର ବହୁ ବଡ଼ ବଡ଼ ଓକିଲ ଓକିଲାତି ଛାଡ଼ି ଦେଲେ । ପିଲାମାନେ ସ୍କୁଲ କଲେଜରେ ପାଠପଢ଼ା ଛାଡ଼ିଦେଲେ । ବଡ଼ବଡ଼ ସରକାରୀ କର୍ମଚାରୀ ଚାକିରି ଛାଡ଼ିଦେଲେ । ଚାରିଆଡ଼େ ସଭା ସମିତି

Digitized by srujanika@gmail.com

ହେଲା । ମୋଟାମୋଟି ଲୋକଙ୍କ ମନରୁ ଭୟ ଛାଡ଼ିଗଲା । ଲୋକେ ଗାନ୍ଧିଜୀଙ୍କ ନେତୃତ୍ୱରେ ଖୋଲାଖୋଲି ଆନ୍ଦୋଳନ କରିବାକୁ ଆଗେଇ ଆସିଲେ ।

ଜବାହର ଆଉ ନୀରବରେ ବସି ରହି ପାରିଲେ ନାହିଁ । ଦେଶବନ୍ଧୁ ଚିତ୍ତରଞ୍ଜନ ଦାସଙ୍କ ଉପରେ ଜାଲିଆନାୱାଲା ଗୁଳିକାଣ୍ଡର ଅନୁସନ୍ଧାନ ଦାୟିତ୍ୱ ପଡ଼ିଲା । ଜବାହର ତାଙ୍କୁ ସେଥିରେ ସହାୟତା କଲେ । ଚିତ୍ତରଞ୍ଜନଙ୍କ କର୍ମନିଷ୍ଠା ଦେଖି ଜବାହର ଖୁସି ହୋଇଗଲେ । ସେ ତାଙ୍କୁ ଯଥେଷ୍ଟ ସମ୍ମାନ ଦେଖାଇଲେ । ସେହି ବର୍ଷ ପଞ୍ଜାବର ଅମୃତସରଠାରେ କଂଗ୍ରେସ ଅଧିବେଶନ ବସିଲା । ପଣ୍ଡିତ ମୋତିଲାଲ୍ ଏଥର କଂଗ୍ରେସ ସଭାପତି ନିର୍ବାଚିତ ହେଲେ । ଏହି ଅଧିବେଶନରେ ବହୁ ବଡ଼ବଡ଼ ନେତା ଉପସ୍ଥିତ ଥିଲେ । କିନ୍ତୁ ସମସ୍ତେ ଗାନ୍ଧିଜୀଙ୍କ ନେତୃତ୍ୱକୁ ସ୍ୱୀକାର କଲେ । ସଭାସ୍ଥଳ 'ଜୟ ମହାତ୍ମା ଗାନ୍ଧିଜୀ ଜୟ' ଧ୍ୱନିରେ ଉଛୁଳି ପଡ଼ିଲା ।

ଗାନ୍ଧିଜୀ କହିଲେ, ''ଆମେ ଅହିଂସା ନୀତିରେ ଗୋରା ସରକାରଙ୍କୁ ଏଦେଶରୁ ହଟେଇଦେବା । ସରକାରଙ୍କ ସହ ସହଯୋଗ କରିବା ନାହିଁ । ଅଧିକ କର ବସେଇଲେ ଦେବା ନାହିଁ । ମିଳିମିଶି ସମସ୍ତେ ଜୁଲୁମ୍‌ର ପ୍ରତିବାଦ କରିବା ।'' କଂଗ୍ରେସର ଉଦାରପନ୍ଥୀ ନେତାମାନେ ରାଜି ହେଉ ନଥିଲେ । କିନ୍ତୁ ମୋତିଲାଲ୍ ସମର୍ଥନ କରିବାରୁ କଂଗ୍ରେସ ଗାନ୍ଧିଜୀଙ୍କ 'ଅହିଂସା-ଅସହଯୋଗ' ନୀତି ଗ୍ରହଣ କଲା ।

ଏହି ସମୟରେ ଗାନ୍ଧିଜୀ ଜବାହରଙ୍କୁ ସାଙ୍ଗରେ ଧରି ସିନ୍ଧୁ ପ୍ରଦେଶ ଗଲେ । ୧୯୨୦ ଅଗଷ୍ଟ ପହିଲାରେ ବମ୍ବେଠାରେ ଲୋକମାନ୍ୟ ବାଳ

Digitized by srujanika@gmail.com

ଗଙ୍ଗାଧର ତିଳକଙ୍କ ପରଲୋକ ହୋଇଗଲା । ସେଠାକୁ ମଧ୍ୟ ସେ ଜବାହରଙ୍କୁ ସାଙ୍ଗରେ ଧରି ଯାଇଥିଲେ । ତାଙ୍କୁ ଶେଷ ସମ୍ମାନ ଜଣାଇଥିଲେ । ସାଙ୍ଗ ହୋଇ ଯିବା ଆସିବା ଫଳରେ ଗାନ୍ଧିଜୀଙ୍କ ସହ ଜବାହରଙ୍କର ଘନିଷ୍ଠତା ସ୍ଥାପିତ ହେଲା । ଏ ସମ୍ପର୍କ ଧୀରେ ଧୀରେ ଦୃଢ଼ ହେଲା । ମଝିରେ ମଝିରେ କେତେକ କ୍ଷେତ୍ରରେ ଉଭୟଙ୍କ ମଧ୍ୟରେ ମତ ପାର୍ଥକ୍ୟ ଦେଖାଦେଲା । କିନ୍ତୁ ଗାନ୍ଧିଜୀ ଏ ସଂସାରରୁ ବିଦାୟ ନେବା ପର୍ଯ୍ୟନ୍ତ ଜବାହର ତାଙ୍କ ପାଖେ ପାଖେ ରହିଥିଲେ ।

ଗାନ୍ଧିଜୀଙ୍କ ପ୍ରଭାବରେ ଜବାହରଙ୍କ ବ୍ୟକ୍ତିଗତ ଜୀବନରେ ଅନେକ ପରିବର୍ତ୍ତନ ଦେଖାଦେଲା । ସେ ସରଳ ଜୀବନ ଆଦରି ନେଲେ । ମୋଟା ସୋଟା ଖାଇ ଶିଖିଲେ । ଆମିଷ ଛାଡ଼ି ଦେଲେ । ଧୂମପାନ କଲେ ନାହିଁ । ଗୀତା ପଢ଼ିଲେ । ଗରିବ ଲୋକଙ୍କ ଭିତରେ ସ୍ନେହ ସୌହାର୍ଦ୍ଦ୍ୟ ସମ୍ପର୍କ ପ୍ରତିଷ୍ଠା କରି ଶିଖିଲେ ।

କୃଷକମାନଙ୍କ ସହ ସମ୍ପର୍କ ପ୍ରତିଷ୍ଠା

୧୯୨୦ ମସିହା । ଖରାଦିନ । ହଠାତ୍ ଦୁଇ ଶହ କୃଷକ ଆସି ପହଞ୍ଚିଲେ ଏହ୍ଲାବାଦରେ । ଜମିଦାରଙ୍କ ଅତ୍ୟାଚାର ବିରୁଦ୍ଧରେ ଆପତ୍ତି ଜଣାଇବାକୁ ସେମାନେ ଆସିଥିଲେ । ଯମୁନାଘାଟରେ ଦଳବାନ୍ଧି ବସି ରହିଲେ । ବଡ଼ବଡ଼ ନେତାଙ୍କ ପାଖକୁ ନିଜର ଦୁଃଖ ଜଣାଇ ଖବର ପଠାଇଲେ । ଜବାହର ଖବର ପାଇ କେତେଜଣ ସାଙ୍ଗ ଧରି ସେମାନଙ୍କ ପାଖରେ ପହଞ୍ଚିଲେ ।

କୃଷକମାନେ ଦୁଃଖ ଜଣାଇଲେ । ଜମିଦାରମାନେ ଅଧିକ କର ଦାବି କରୁଥିଲେ । ସେମାନେ ତାହା ଦେଇ ପାରୁନଥିଲେ । କରଜ

Digitized by srujanika@gmail.com

ଭାରରେ ବୁଡ଼ି ଯାଇଥିଲେ । ମାଗଣାରେ ସେମାନଙ୍କୁ ବେଠି ଖଟିବାକୁ ବାଧ କରୁଥିଲେ । ପୂଜାପର୍ବରେ ଜବରଦସ୍ତ ଭେଟି ଆଦାୟ କରୁଥିଲେ । ନ ଦେଇ ପାରିଲେ ଜମି ଛଡ଼ାଇ ନେଉଥିଲେ । ସେତେବେଳେ ଜମିଦାରମାନେ ଥିଲେ ସବୁ ଜମିର ମାଲିକ । କୃଷକମାନେ ଜବାହରଙ୍କୁ ସେମାନଙ୍କ ଅଞ୍ଚଳକୁ ଯିବାକୁ ଅନୁରୋଧ ଜଣାଇଲେ ।

ଦୁଇଦିନ ପରେ ଜବାହର ସେମାନଙ୍କ ଗାଁକୁ ଗଲେ । ପ୍ରଚଣ୍ଡ ଖରାତାତି ସାଙ୍ଗକୁ ଝାଞ୍ଜି ପବନ ବହୁଥାଏ । ଜବାହର ମୁଣ୍ଡରେ ଗାମୁଛା ଖଣ୍ଡେ ପକାଇ ତିନିଦିନ କାଳ ସେମାନଙ୍କ ଅଞ୍ଚଳରେ ଗାଁକୁ ଗାଁ ବୁଲିଲେ । ସେମାନଙ୍କ ଅବସ୍ଥା ଦେଖିଲେ । ଦୁଃଖର କାହାଣୀ ଶୁଣିଲେ । ସେମାନଙ୍କ ଦୁଃଖ ଦେଖି ଜବାହରଙ୍କ ହୃଦୟ ତରଳି ଗଲା । ଆରାମରେ ସହରରେ ରହି ଭାଷଣ ଦେଉଥିବାରୁ ସେ ନିଜକୁ ଓ ବଡ଼ ବଡ଼ ନେତାଙ୍କୁ ଧିକ୍କାର କଲେ ।

ଜବାହର ନିଜ ଆତ୍ମଜୀବନୀରେ ଲେଖିଛନ୍ତି – ''ଭାରତର ଗୋଟିଏ ନୂଆ ଚିତ୍ର ମୋ ଆଖି ଆଗରେ ଭାସି ଉଠିଲା । ଲଙ୍ଗଳା, ଭୋକିଲା, ଦଳିତ, ଦୁଃଖୀ ଭାରତୀୟଙ୍କ ଚିତ୍ର । ସେମାନଙ୍କ ଭଙ୍ଗାଘର । ମଥା ଉପରେ ଛପର ନାହିଁ । ନିଜ ଆଖପାଖରେ ଲୋକେ ଏତେ ଦୁଃଖରେ ଥିବାବେଳେ ଅନ୍ୟମାନେ କେତେ ଆରାମରେ ଦିନ କାଟୁଛନ୍ତି । ଏହା ଅତ୍ୟନ୍ତ ଲଜ୍ଜାକର ।''

ଜବାହର କୃଷକମାନଙ୍କ ସହ ସ୍ନେହପୂର୍ଣ୍ଣ କଥାବାର୍ତ୍ତା କଲେ । ସେମାନଙ୍କ ଗାଁକୁ ଗଲେ । ଜବାହର ଆସିଛନ୍ତି ଶୁଣି ଗାଁର ବୁଢ଼ା, ବୁଢ଼ୀ, ପିଲା, ଯୁବକ, ଯୁବତୀ ସମସ୍ତେ ସଙ୍ଗେ ସଙ୍ଗେ ଆସି ରୁଣ୍ଡ

Digitized by srujanika@gmail.com

ହୋଇଯାଉଥିଲେ । ଗଛମୂଳେ କି ଗାଁ ଠାକୁରାଣୀଙ୍କ ଦାଣ୍ଡରେ ସଭା ବସି ଯାଉଥିଲା । ସେ ଯେଉଁଠି ନାହିଁ ସେଠି ବସି ପଡୁଥିଲେ । ଯେକୌଣସି ଲୋକର କାନ୍ଧରେ ହାତ ପକାଇ ଦେଉଥିଲେ । ଲୋକଙ୍କ ସମସ୍ୟା ଶୁଣୁଥିଲେ ।

ଜମିନ୍ଦାରଙ୍କ ଅତ୍ୟାଚାର କାହାଣୀରେ ତାଙ୍କ ଛାତି କରତି ହୋଇଯାଉଥିଲା । ସେ ପାଖରେ ଥିବା ଜମିଦାରଙ୍କୁ କିମ୍ବା ତାଙ୍କ କର୍ମଚାରୀମାନଙ୍କୁ ଭେଟୁଥିଲେ । ଅତ୍ୟାଚାର ବନ୍ଦ କରିବାକୁ ପରାମର୍ଶ ଦେଉଥିଲେ । ଲୋକଙ୍କୁ ସଂଘବଦ୍ଧ କରୁଥିଲେ । କ୍ରମେ କ୍ରମେ ଜବାହର ତାଙ୍କର ଦୁଃଖ ଦୂର କରିପାରିବେ ବୋଲି ଲୋକମାନଙ୍କର ଭରସା ହେଲା ।

୧୯୨୧ ମସିହାରେ ଫୈଜାବାଦରେ କୃଷକ ଗଣ୍ଡଗୋଳ ଚେଇଁଲା । ସେମାନେ ଜଣେ ଜମିଦାରଙ୍କ ଘରେ ପଶି ଜିନିଷପତ୍ର ଲୁଟି ନେଲେ । ଜବାହର ଖବର ପାଇ ସେଠାରେ ପହଞ୍ଚିଲେ । ଏଭଳି କାର୍ଯ୍ୟ ନିମନ୍ତେ ସେ ଗାଳି ଦେଲେ । ସେତେବେଳକୁ ପୋଲିସ ଆସି ଗଲେଣି । କିଏ କିଏ ଏପରି କରିଛ ବୋଲି ସେମାନେ ପଚାରିଲେ । ଲୋକେ ଭାବିଲେ, ସେମାନେ ଲୁଟ୍ କରିଛନ୍ତି ବୋଲି ମାନିଗଲେ, ପୋଲିସ ସେମାନଙ୍କୁ ଧରି ନେଇ ଜେଲ୍‌ରେ ପୂରେଇ ଦେବ । ତଥାପି ସେମାନେ ଜବାହରଙ୍କ ଆଗରେ ସତକଥା ମାନିଗଲେ । ଏଇଥିରୁ ଜଣାପଡ଼େ, ତାଙ୍କ ଉପରେ କୃଷକମାନଙ୍କର କେତେ ଶୀଘ୍ର ଭରସା ଆସି ଯାଇଥିଲା ।

ଜବାହର ବୁଝିଥିଲେ - "ଭାରତ କୃଷି ପ୍ରଧାନ ଦେଶ ।

Digitized by srujanika@gmail.com

କୃଷକମାନେ ଦେଶର ବଳ । ସେମାନେ ଭଲରେ ନରହିଲେ ଫସଲ ଅମଳ କମିଯିବ । ଦେଶବାସୀ ମୁଠାଏ ଖାଇବାକୁ ପାଇବେ ନାହିଁ ।'' ତେଣୁ ସେ ସବୁବେଳେ କୃଷକ ଓ ଶ୍ରମିକମାନଙ୍କ ପାଇଁ ଭାବୁଥିଲେ ।

୧୯୨୭ ମସିହା । ପତ୍ନୀ କମଳାଙ୍କୁ ଚିକିତ୍ସା ପାଇଁ ଜବାହର ନେଇ ଯାଇଥିଲେ ସୁଇଜରଲାଣ୍ଡ । ସେଇଠି ଶୁଣିଲେ ଅତ୍ୟାଚାରିତ ଜାତିମାନଙ୍କର ଏକ ମହାସଭା ହେବ । ଗାନ୍ଧିଜୀଙ୍କ ଅନୁମତି ନେଇ ସେ ଭାରତ ପକ୍ଷରୁ ସେଥିରେ ଯୋଗ ଦେଲେ । ପୃଥିବୀର ବହୁ ବଡ଼ ବଡ଼ ନେତା ବି ଯୋଗ ଦେଇଥିଲେ । ସେମାନଙ୍କ ଆଗରେ ସେ କହିଲେ, ''କୃଷକ ଓ ଶ୍ରମିକମାନଙ୍କର ସ୍ୱାଧୀନତା ହିଁ ଭାରତର ସ୍ୱାଧୀନତା । ଭାରତରେ କଂଗ୍ରେସ ଏହି ଲକ୍ଷ୍ୟରେ ସ୍ୱାଧୀନତା ଆନ୍ଦୋଳନ ଚଳେଇଛି ।''

ଭାରତ ସ୍ୱାଧୀନ ହେବା ପରେ ଜବାହରଲାଲ୍ ପ୍ରଧାନମନ୍ତ୍ରୀ ହେଲେ । ସେ କୃଷକମାନଙ୍କ ଉନ୍ନତି ପାଇଁ ପ୍ରଥମ ପଞ୍ଚବାର୍ଷିକ ଯୋଜନା କଲେ । ଏ ଦେଶରେ କେତେ ଅମାନିଆ ବଡ଼ବଡ଼ ନଈ ଅଛି । ବର୍ଷାଦିନେ ସେମାନେ କୂଳ ଲଘି ଜମିବାଡ଼ିରୁ ଫସଲ ଧୋଇ ନେଉଥିଲେ । ଗରିବ କୃଷକମାନଙ୍କ ଘରଦ୍ୱାର ଭସାଉଥିଲେ । ସେମାନେ ହତସନ୍ତ ହୋଇ ଜୀବନ କାଟୁଥିଲେ । ଜବାହର ପ୍ରଥମେ ଏହି ସବୁ ବଡ଼ ବଡ଼ ନଦୀବନ୍ଧ ଯୋଜନା କଲେ । ଅଧିକ ଜମିରେ ଜଳସେଚନ ହେଲା । ବନ୍ୟାର ଦାଉ କମିଲା । କୃଷିର ଉନ୍ନତି ହେଲା । ବିଜୁଳି ଶକ୍ତି ଉତ୍ପାଦନ ହେବାରୁ ଗାଁ ଗଣ୍ଡାରେ କଳକାରଖାନା ଗଢ଼ି ଉଠିଲା । ଶ୍ରମିକମାନେ ଅଧିକ କାମ ପାଇଲେ । ଖାଦ୍ୟଶସ୍ୟ ଉତ୍ପାଦନ ଯଥେଷ୍ଟ ବଢ଼ିଗଲା ।

Digitized by srujanika@gmail.com

ଜମିଦାରୀ ପ୍ରଥା ଉଠିଲା

କର୍ମଜୀବନ ଆରମ୍ଭରୁ ଜବାହର ଜମିଦାରମାନଙ୍କ ଅତ୍ୟାଚାର କଥା ଜାଣିଥିଲେ । ତେଣୁ କ୍ଷମତା ପାଇଲା ମାତ୍ରେ ସେ ଜମିଦାରୀ ପ୍ରଥା ଉଠାଇଦେଲେ । ଅନେକ ଦେଶରେ ଏଥିପାଇଁ କେତେ ରକ୍ତପାତ ହୋଇଛି । ଭାରତରେ ବିନା ରକ୍ତପାତରେ ଏହା ସମ୍ଭବ ହେଲା । କୃଷିର ଉନ୍ନତି ପାଇଁ ସେ ବୈଜ୍ଞାନିକ ଗବେଷଣାଗାର ଖୋଲି ଉନ୍ନତ ବିହନ ଓ ଉନ୍ନତ ସାର ଯୋଗାଣ ବ୍ୟବସ୍ଥା କରିଥିଲେ ।

ଜେଲ୍ ହେଲା ଘର

୧୯୨୧ ମସିହା ନଭେମ୍ବର ମାସ । ଅସହଯୋଗ ଆନ୍ଦୋଳନ ଚାଲିଥାଏ । ଏହି ସମୟରେ ବିଲାତର ଯୁବରାଜଙ୍କ ଭାରତ ଆଗମନ ପ୍ରସ୍ତାବ ଥାଏ । କଂଗ୍ରେସ କିନ୍ତୁ ଚାହିଁଲା ନାହିଁ, ବିଲାତ ଯୁବରାଜଙ୍କୁ ଭାରତରେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ପାଇଁ । କଂଗ୍ରେସର ନିର୍ଦ୍ଦେଶରେ ଜବାହର ଇଂରେଜ ସରକାରଙ୍କ ଅତ୍ୟାଚାର ବିରୁଦ୍ଧରେ ଗରମାଗରମ ଭାଷଣ ଦେଉଥାଆନ୍ତି । ଯୁବରାଜଙ୍କ ସ୍ୱାଗତ ସଭା ଭଣ୍ଡୁର କରିବାକୁ ସ୍ୱେଚ୍ଛାସେବକମାନଙ୍କୁ ତାଲିମ ଦିଆଯାଉଥାଏ । ଜବାହର ଏଥିରେ ନେତୃତ୍ୱ ନେଇଥାଆନ୍ତି ।

ଚାରିଆଡ଼େ ଘୋର ଆନ୍ଦୋଳନ ହେଲା । ଇଂରେଜ ସରକାର ରାଗିଯାଇ ମୋତିଲାଲ୍ ଏବଂ ଜବାହରଙ୍କୁ ଗିରଫ କଲେ । ବିଚାରବେଳେ ସେମାନେ ନିଜ ସପକ୍ଷରେ କିଛି କହିଲେ ନାହିଁ । ଜବାହର ଏତିକି କହିଲେ - "ମୁଁ ଭାରତରେ ଇଂରେଜ ଶାସନକୁ ମାନେ ନାହିଁ । ଏ ଅଦାଲତରେ ନ୍ୟାୟ ପରାୟଣ ବିଚାରପତିମାନେ ମଧ୍ୟ ନାହାନ୍ତି । ଯିଏ

Digitized by srujanika@gmail.com

ବିଚାର କରୁଛନ୍ତି, ସେ ସ୍ୱାଧୀନ ନୁହନ୍ତି । ତାଙ୍କୁ ଯାହା କରିବାକୁ କୁହାଯାଇଛି , ସେ ସେଇଆହିଁ କରିବେ । ବିଚାର ଏକ ପ୍ରହସନ । ’’ ବାପ ପୁଅଙ୍କୁ ଛଅମାସ ଲେଖାଏଁ ଜେଲ୍‌ଦଣ୍ଡ ହେଲା । ଉଭୟ ଲକ୍ଷ୍ନୌ ଜେଲ୍‌ରେ ରହିଲେ । ଏହାଥିଲା ଜବାହରଲାଲ୍‌ଙ୍କୁ ପ୍ରଥମ ଜେଲ୍‌ଦଣ୍ଡ ।

କେତେ ଆନନ୍ଦ ଓ ଆରାମରେ ସେମାନେ ଆନନ୍ଦ ଭବନରେ ଚଳୁଥିଲେ । କେଉଁ କଥାରେ ଅଭାବ ନଥିଲା । ଅଥଚ ଜୀବନ କଟିଲା ଦୁଃଖପୂର୍ଣ୍ଣ ଜେଲ୍‌ଖାନାରେ । ଜେଲ୍ ଜୀବନର ଦୁଃଖ ବିଷୟରେ ସେ ଆତ୍ମକାହାଣୀରେ ଲେଖିଛନ୍ତି – ‘‘ଜେଲ୍ ଜୀବନ କଷ୍ଟକର । ବାହାର ଦୁନିଆ ସହ ସମ୍ପର୍କ ରହେ ନାହିଁ । ବନ୍ଧୁବାନ୍ଧବ, ବାପା, ମା, ପୁଅ, ଝିଅ କାହାରି ମୁହଁ ଦେଖି ହୁଏ ନାହିଁ । ଜୀବନ ନିରସ ହୋଇଯାଏ । ଯେପରି ଏକ ମରୁଭୂମିରେ ଖାଲି ବାଲି ଆଉ ବାଲି । ଛାଇ ଦେବାକୁ ଗଛଟିଏ ନାହିଁ, ଯାହା ତଳେ ମଣିଷ ବସି ଥକ୍କା ମେଣ୍ଟେଇବ ।’’

ପୁଣି ସେ ମନକୁ ମନ ବୁଝେଇ ଦିଅନ୍ତି । ଦେଶମାତାର ମୁକ୍ତି ପାଇଁ ସେ ଜେଲ୍ କଷ୍ଟ ଭୋଗୁଛନ୍ତି । ତ୍ୟାଗ ଓ କଷ୍ଟ ନକଲେ ବଡ଼କାମ ହୁଏ ନାହିଁ । ‘ଜେଲ୍‌ଭୋଗି ସେ ଦେଶକୁ ଭଲ ପାଇବାର ମୂଲ୍ୟ ଦେଉଛନ୍ତି ।

ଗାନ୍ଧିଜୀଙ୍କ ହାତ ମୁଠା ଟାଣ କରୁଛି

ଜେଲ୍‌ରୁ ଜବାହର ଖଲାସ ହେଲେ । ସେତେବେଳକୁ ଗାନ୍ଧିଜୀ ଡାକରା ଦେଇଥାନ୍ତି – ‘‘ବିଦେଶୀ ଜିନିଷ ବର୍ଜନ କର ।’’ ଇଂରେଜମାନେ ଇଂଲଣ୍ଡରୁ କଳ ତିଆରି ଲୁଗା ଆଣି ଶସ୍ତାରେ ବିକ୍ରି

Digitized by srujanika@gmail.com

କରୁଛନ୍ତି । ଆମ ବୁଣାକାରମାନେ ହାତ ବାନ୍ଧି ବସୁଛନ୍ତି । ତାଙ୍କ ପିଲାମାନେ ଭୋକ ଉପାସରେ ଦିନ କାଟୁଛନ୍ତି । ଯେଉଁ ଜିନିଷ ଆମ ଦେଶରେ ହେଉଛି ତାକୁ ବ୍ୟବହାର କର ।'' ଏହା ହେଲା ସ୍ୱଦେଶୀ ଆନ୍ଦୋଳନ ବା ଖଦି ଆନ୍ଦୋଳନ । ଗାନ୍ଧିଜୀ ବିଲାତି ଲୁଗାକୁ ଏ ଦେଶରେ ଗୋଲାମିର ପୋଷାକ ବୋଲି କହିଥିଲେ ।

ଲୋକେ ସଭାସମିତି କରି ବିଦେଶୀ ଲୁଗା ସବୁ ପୋଡ଼ିଲେ । ଅଧିକରୁ ଅଧିକ ଖଦଡ଼ ଲୁଗା ପିନ୍ଧିଲେ । ଖଦଡ଼କୁ ଗାନ୍ଧିଜୀ ଦେଶପ୍ରେମୀଙ୍କ ପୋଷାକ ଆଖ୍ୟା ଦେଲେ । ଚାରିଆଡ଼େ ଅରଟ କେନ୍ଦ୍ର ପ୍ରତିଷ୍ଠା ହେଲା । ଦେଶର ବହୁ ଭୋକିଲା ତନ୍ତୀ ପରିବାର କାମ ପାଇଲେ । ପ୍ରତି ଲୋକଙ୍କୁ ହାତରେ ସୂତାକାଟି ସେଥିରେ ବୁଣା

Digitized by srujanika@gmail.com

ହୋଇଥିବା ଲୁଗା ପିନ୍ଧିବାକୁ ଗାନ୍ଧିଜୀ ପରାମର୍ଶ ଦେଲେ । କେତେ ବଡ଼ବଡ଼ ଲୋକ ପ୍ରତିଦିନ ସୂତାକଟାକୁ ନିଜ ଅଭ୍ୟାସରେ ପକାଇଦେଲେ । ଏହା ଭାବିଲେ ଆଶ୍ଚର୍ଯ୍ୟ ହେବାକୁ ପଡ଼େ ।

ତଥାପି କେତେକ ଲାଭଖୋର ବ୍ୟବସାୟୀ ବିଲାତି ଲୁଗା ଆଣି ବିକୁ ଥାଆନ୍ତି । ସେମାନଙ୍କ ଦୋକାନ ଆଗରେ ସ୍ୱାଧୀନତା ସଂଗ୍ରାମୀ ଓ ବାନର ସେନାମାନେ ପିକେଟିଂ କରୁଥାଆନ୍ତି । ଏଭଳି ଆନ୍ଦୋଳନ ଦେଶସାରା ଜୋର୍‌ସୋର୍‌ରେ ଚାଲିଥିଲା । ଏଥିରେ ବ୍ରିଟିଶ ସରକାର ଛାନିଆ ହୋଇଗଲେ । ବିଲାତି ଜିନିଷ ଯଦି ଭାରତରେ ବିକ୍ରି ନହେବ ସେମାନେ ଆରାମ ଓ ବିଳାସ ବ୍ୟସନରେ ଚଳିବେ କିପରି ? ତେଣୁ ଏ ଆନ୍ଦୋଳନ ଦବାଇବାକୁ ଚେଷ୍ଟା ହେଲା । ପିକେଟିଂ କରୁଥିବା ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ଜେଲ୍‌ରେ ଠୁଙ୍କି ଦିଆଗଲା ।

ଜବାହର ଲାଲ ଏହିଭଳି ଗୋଟିଏ ଦୋକାନ ଆଗରେ ବସି ଦୋକାନୀ ଓ ଲୋକମାନଙ୍କୁ 'ସ୍ୱଦେଶୀ ଆନ୍ଦୋଳନ'ର ମହତ୍ତ୍ୱ ବୁଝାଉଥାନ୍ତି । ପୋଲିସ ଆସି ତାଙ୍କୁ ଗିରଫ କରିନେଲେ । ବିଚାର ହେଲା । ସେ ନିଜ ପକ୍ଷ ସମର୍ଥନ କରି କିଛି କହିଲେ ନାହିଁ । ଦ୍ୱିତୀୟ ଥର ଜେଲ୍‌କୁ ଗଲାବେଳେ ବହୁତ ଲୋକ ରୁଣ୍ଡ ହୋଇଗଲେ । ସେମାନଙ୍କୁ ସେ କହିଲେ – ''ସ୍ୱାଧୀନତା ପାଇଁ ଯେଉଁମାନେ ଲଢ଼ନ୍ତି, ଜେଲ୍ ହେଉଛି ସେମାନଙ୍କ ସ୍ୱର୍ଗ । ତୁମେ ଭାବୁଛ ମୁଁ ଜେଲ୍‌କୁ ଯାଉଛି । ମୁଁ ଭାବୁଛି, ମୁଁ ତୀର୍ଥ କରି ଯାଉଛି । ଏଥିପାଇଁ ମୁଁ ନିଜକୁ ଖୁବ୍ ଭାଗ୍ୟବାନ ମନେ କରୁଛି । ମୁଁ ଏପରି କିଛି କରିପାରିଛି, ଯାହାଦ୍ୱାରା ଗାନ୍ଧିଜୀଙ୍କ ହାତମୁଠା ଟାଣ ହେଉଛି । ଏହା କମ୍ ବଡ଼ ସୌଭାଗ୍ୟ ନୁହେଁ ।''

Digitized by srujanika@gmail.com

ଜବାହର ଥରଥର କରି ନଅଥର ଜେଲ୍ ଯାଇଥିଲେ । ୧୯୨୧ରୁ ୧୯୪୬ ମସିହା, ୨୫ ବର୍ଷ ଭିତରେ ସେ ମୋଟ ଦଶବର୍ଷ କେବଳ ଜେଲ୍‌ରେ କଟାଇ ଥିଲେ । କହିବାକୁ ଗଲେ, 'ଜେଲ ହୋଇଯାଇଥିଲା ତାଙ୍କର ଘର' ।

ସେ ଲକ୍ଷ୍ନୌ, ନାଭା, ନୈନି, ଏହ୍ଲାବାଦ, ବରେଲୀ, ଡେରାଡୁନ, କଲିକତା, ଅଲ୍‌ମୋଡ଼ା, ଗୋରଖପୁର ଓ ଅହମଦ ନଗରଠାରେ ବନ୍ଦୀ ଜୀବନ କଟାଇଥିଲେ । ସେ ଜେଲ୍ ଜୀବନର ସଦୁପଯୋଗ କରିଥିଲେ । ବଗିଚା କାମ କରି ନିଜ ଜେଲ୍ କୋଠରି ଚାରିପାଖେ ଫୁଲ ଫଳ ଗଛ ଲଗାଇଥିଲେ । ସବୁଠାରୁ ଉଲ୍ଲେଖଯୋଗ୍ୟ ଯେ, ଏହି ଜେଲ୍ ଜୀବନରେ ସେ ନିଜର ପ୍ରସିଦ୍ଧ ବହି ସବୁ ଲେଖି ଦେଇଥିଲେ । ଏହି ବହିଗୁଡ଼ିକ ହେଲା - ମୋ କାହାଣୀ, ଭାରତ ଆବିଷ୍କାର, ବିଶ୍ୱ ଇତିହାସ ଓ ପିତାଙ୍କ ଠାରୁ କନ୍ୟା ପାଖକୁ ପତ୍ର । ଏହି ବହିଗୁଡ଼ିକ ଅତି ଉଚ୍ଚକୋଟୀର । ସେଥିପାଇଁ କେବଳ ଭାରତବାସୀ ନୁହନ୍ତି, ବିଶ୍ୱବାସୀ ଜବାହରଙ୍କୁ ଯଥେଷ୍ଟ ସମ୍ମାନ କରୁଛନ୍ତି । ମନେ ବି ପକାଉଛନ୍ତି ।

କମଳାଙ୍କ ସ୍ୱାସ୍ଥ୍ୟହାନି

୧୯୨୪ ମସିହା ସେପ୍ଟେମ୍ବର ମାସ । କମଳାଙ୍କ ଗର୍ଭରୁ ଜବାହରଙ୍କର ପୁଅଟିଏ ଜନ୍ମ ହେଲା । ମାତ୍ର ସପ୍ତାହକ ମଧ୍ୟରେ ଶିଶୁଟି ମରିଗଲା । କମଳାଙ୍କର ସ୍ୱାସ୍ଥ୍ୟ ମଧ୍ୟ ଭାଙ୍ଗି ପଡ଼ିଲା । ଡାକ୍ତରମାନେ ପରୀକ୍ଷା କରି ଜାଣିଲେ, ତାଙ୍କୁ ଯକ୍ଷ୍ମା ରୋଗ ହୋଇଛି । ଆଜିକାଲି ଭଳି ଭାରତରେ ସେତେବେଳେ ଯକ୍ଷ୍ମା ରୋଗର ଚିକିତ୍ସା ସହଜ ନଥିଲା ।

Digitized by srujanika@gmail.com

ଡାକ୍ତରଙ୍କ ପରାମର୍ଶକ୍ରମେ ଜବାହର ପତ୍ନୀ କମଳା ଓ କନ୍ୟା ଇନ୍ଦିରାଙ୍କୁ ନେଇ ସୁଇଜରଲାଣ୍ଡ ଗଲେ । ସେଠାରେ ସେବା, ଯତ୍ନ, ଉନ୍ନତ ଚିକିତ୍ସା ଓ ଭଲ ଜଳବାୟୁ ଯୋଗୁଁ କମଳାଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଦେଖା ଦେଲା ।

ଜବାହର ଏହି ସମୟରେ ଇଉରୋପର ବିଭିନ୍ନ ଦେଶ ବୁଲିଲେ । ଅନ୍ୟାନ୍ୟ ଦେଶର ସ୍ୱାଧୀନତା ସଂଗ୍ରାମ ଓ ଭାରତ ପ୍ରତି ସେସବୁ ଦେଶର ମତିଗତି ଠଉରାଇଲେ ।

ରୁଷ୍ ଯାତ୍ରା

୧୯୨୭ ମସିହାରେ ମୋତିଲାଲ ବିଦେଶ ଯାଇ ପୁଅ, ବୋହୂ ଓ ନାତୁଣୀଙ୍କୁ ଭେଟିଲେ । ୧୯୧୭ ମସିହା ନଭେମ୍ବର ୧୭ ତାରିଖରେ ରୁଷ୍ ବିପ୍ଳବ ଆରମ୍ଭ ହୋଇଥିଲା । ଅତ୍ୟାଚାରୀ ଜାର୍‌ଙ୍କୁ ଶାସନଗାଦିରୁ ହଟାଇ ଦେଇ ଶ୍ରମିକ ଓ କୃଷକମାନେ କମ୍ୟୁନିଷ୍ଟ ପାର୍ଟି ଗଢ଼ି ଶାସନ କ୍ଷମତା ହାତକୁ ନେଇଥିଲେ । ସେ ବର୍ଷ ଏହି ନୂତନ ଅଧ୍ୟାୟର ଦଶବର୍ଷ ପୂରିଯାଉଥାଏ । ଏଥିପାଇଁ ଖୁବ୍ ବଡ଼ ଧରଣର ଉତ୍ସବ ଆୟୋଜିତ ହେଉଥାଏ । ମୋତିଲାଲ, ଜବାହର, କମଳା ଓ ଇନ୍ଦିରା ସେଠାକାର ଅବସ୍ଥା ଦେଖିବା ପାଇଁ ରୁଷ୍ ଗଲେ ।

ସେମାନେ ଦେଖିଲେ କମ୍ୟୁନିଷ୍ଟ ଶାସନରେ ରୁଷରେ ବହୁତ ପରିବର୍ତ୍ତନ ହୋଇଛି । ସମସ୍ତେ ସମାନ – ଏଇ ଭାବଧାରାର ପ୍ରଚାର ଚାଲିଛି । ରାଷ୍ଟ୍ରପତି ଜଣେ ଶ୍ରମିକକୁ ସାଥୀ ବା କମ୍ରେଡ୍ ଭଳି ବ୍ୟବହାର କରୁଛନ୍ତି । ଶ୍ରମିକ ମଧ୍ୟ ରାଷ୍ଟ୍ରପତିଙ୍କ ସହ ସମାନ ବନ୍ଧୁ ଭଳି ବ୍ୟବହାର କରୁଛି । ଶିକ୍ଷାର ପ୍ରସାର ଉପରେ ଗୁରୁତ୍ୱ ଦିଆଯାଇଛି । ନାରୀମାନଙ୍କୁ

Digitized by srujanika@gmail.com

ପୁରୁଷଙ୍କ ସହ ସମାନ ସ୍ୱାଧୀନତା ମିଳିଛି । ସମବାୟ ଚାଷ ଯୋଗୁଁ ଫସଲ ଉତ୍ପାଦନ ବେଶ୍ ବଢ଼ିଯାଇଛି ।

ଏହିସବୁ ପରିବର୍ତ୍ତନ ଦେଖି ଜବାହରଙ୍କର ମନ କମ୍ୟୁନିଷ୍ଟ ଭାବଧାରା ପ୍ରତି ଢଳିଗଲା । ଭବିଷ୍ୟତରେ ଭାରତରେ ସେ ଏପରି ସମାଜବାଦୀ ଶାସନ ପ୍ରବର୍ତ୍ତନ କରିବାର ସ୍ୱପ୍ନ ଦେଖିଲେ । ତାଙ୍କର କେତୋଟି ଲେଖାରେ ରୁଷ୍‌ର ଏହି ଉନ୍ନତି କଥା ବର୍ଣ୍ଣନା କଲେ ।

ସଂପୂର୍ଣ୍ଣ ସ୍ୱାଧୀନତା - ଭାରତର ଲକ୍ଷ୍ୟ

ଏଥର ଅନେକ ଦିନ ଧରି ଜବାହର ଭାରତ ବାହାରେ ରହିଗଲେ । ମାନ୍ଦ୍ରାଜଠାରେ କଂଗ୍ରେସ ଅଧିବେଶନ ବସିବାର ଥାଏ । ଜବାହର ସେଥିରେ ଯୋଗ ଦେବା ଉଦ୍ଦେଶ୍ୟରେ ତରତର ହୋଇ ଫେରି ଆସିଲେ । ବହୁଦିନ ବିଦେଶରେ ରହିବାରୁ ଜବାହରଙ୍କର ସାହସ ଖୁବ୍ ବଢ଼ିଯାଇଥାଏ ।

ସେ ଆଉ ମାନ୍ଦାପନ୍ଥୀ ନେତାଙ୍କ ଭଳି ଔପନିବେଶିକ ସ୍ୱାଧୀନତା ବା ଆଂଶିକ ସ୍ୱାଧୀନତାରେ ସନ୍ତୁଷ୍ଟ ରହିବା ନେତା ନଥିଲେ । କଂଗ୍ରେସର ପ୍ରସ୍ତାବ ଅନୁମୋଦନ କମିଟିରେ ସେ ପ୍ରସ୍ତାବ ଦେଲେ ଯେ, ଭାରତର ସଂପୂର୍ଣ୍ଣ ସ୍ୱାଧୀନତା ନିମନ୍ତେ କଂଗ୍ରେସ ଦାବି ଜଣାଉ । ଗାନ୍ଧିଜୀ ମାନ୍ଦ୍ରାଜ-କଂଗ୍ରେସ ଅଧିବେଶନରେ ଯୋଗ ଦେଇ ନଥିଲେ । ଜବାହରଙ୍କର ଏଭଳି ବଡ଼ ଧରଣର ଦାବିରେ ସେ ଅସନ୍ତୁଷ୍ଟ ହେଲେ । ଉଭୟଙ୍କ ମଧ୍ୟରେ ମତଭେଦ ପଦାରେ ଆଲୋଚିତ ହେଲା ।

୧୯୨୮ କଲିକତା କଂଗ୍ରେସ ଅଧିବେଶନରେ ପଣ୍ଡିତ ମୋତିଲାଲ୍ ସଭାପତି ହେଲେ । ଜବାହରଙ୍କ ନେତୃତ୍ୱରେ ଯୁବଗୋଷ୍ଠୀ ଦାବି କରୁଥାନ୍ତି

Digitized by srujanika@gmail.com

ଯେ, କଂଗ୍ରେସ ପୂର୍ଣ୍ଣ ସ୍ୱାଧୀନତା ନିମନ୍ତେ ପ୍ରସ୍ତାବ ଗ୍ରହଣ କରୁ । କିନ୍ତୁ ଏଥିନିମନ୍ତେ ଗୋରା ସରକାରଙ୍କୁ ବର୍ଷେ ସମୟ ଦେଇ ଏଥର ଚିଠି ଲେଖାଗଲା ।

୧୯୨୯ ମସିହାରେ କଂଗ୍ରେସ ଅଧିବେଶନ ପଞ୍ଜାବର ଲାହୋରଠାରେ ବସିବାର ଥାଏ । ଏଇଥିରେ ସଭାପତିତ୍ୱ କରିବାକୁ ସମସ୍ତେ ଗାନ୍ଧିଜୀଙ୍କୁ ଅନୁରୋଧ କଲେ । ମାତ୍ର ଗାନ୍ଧିଜୀ କହିଲେ, ଜବାହର ହୁଅନ୍ତୁ । ଜବାହର କିନ୍ତୁ କହିଲେ, କଂଗ୍ରେସ ଯଦି ସଂପୂର୍ଣ୍ଣ ସ୍ୱାଧୀନତା ନିମନ୍ତେ ଗୋରା ସରକାରଙ୍କ ଉପରେ ଚାପ ଦେବ ସେ ସଭାପତି ହେବେ । ଶେଷରେ ସମସ୍ତେ ରାଜି ହେଲେ । ଡିସେମ୍ବର ଶେଷ ସପ୍ତାହରେ ପଣ୍ଡିତ ମୋତିଲାଲ୍ କଂଗ୍ରେସର ସଭାପତି ଦାୟିତ୍ୱ ପୁତ୍ର ଜବାହରଙ୍କ ହାତକୁ ବଢ଼ାଇ ଦେଲେ । ଡିସେମ୍ବର ୩୧ ତାରିଖ ମଧ୍ୟ ରାତ୍ରି ପର୍ଯ୍ୟନ୍ତ ଅପେକ୍ଷା କରାଗଲା । ଲକ୍ଷାଧିକ ଲୋକ ପ୍ରବଳ ଶୀତ କାକରରେ କଂଗ୍ରେସ ସଭାପତିଙ୍କ କାର୍ଯ୍ୟ ପନ୍ଥାକୁ ଅପେକ୍ଷା କରି ରହିଥାନ୍ତି । ରାତି ୧୨ଟା ସୁଦ୍ଧା ସରକାରଙ୍କଠାରୁ ଉତ୍ତର ମିଳିଲା ନାହିଁ । ଜବାହର ଘୋଷଣା କଲେ - "ଭାରତ ଚାହେଁ ସଂପୂର୍ଣ୍ଣ ସ୍ୱାଧୀନତା" । କରତାଳି ଧ୍ୱନି, ମହାତ୍ମାଗାନ୍ଧିକୀ ଜୟ, ପଣ୍ଡିତ ଜବାହରଲାଲ୍‌କୀ ଜୟ ଧ୍ୱନିରେ ସଭାସ୍ଥଳ କମ୍ପି ଉଠିଲା । ଏଥିନିମନ୍ତେ ଆନ୍ଦୋଳନ ପରିଚାଳନା ଦାୟିତ୍ୱ ଗାନ୍ଧିଜୀଙ୍କୁ ଦିଆଗଲା ।

ମୁଠାଏ ଲୁଣ - ଗୋଟାଏ ସାମ୍ରାଜ୍ୟ

ଗାନ୍ଧିଜୀ କହିଲେ - ଲବଣ ସତ୍ୟାଗ୍ରହ ହେବ । ଆମ ଦେଶକୁ

Digitized by srujanika@gmail.com

ସମୁଦ୍ର ଘେରି ରହିଛି । ଆମେ ଆମ ସମୁଦ୍ରରୁ ଲୁଣ ମାରିବାକୁ ଗୋରା ସରକାରଙ୍କ ଅନୁମତି ନେବୁ କାହିଁକି ? କାହିଁକି ଆମେ ବିଦେଶୀ ଲୁଣ କିଣି ଚଳିବୁ ? ଏ ଆଇନ ଆମେ ମାନିବା ନାହିଁ । ଆମେ ଅଲବତ ଲୁଣ ମାରିବା ।

ସାରା ଦେଶରେ ଆଇନ ଅମାନ୍ୟ ଆନ୍ଦୋଳନ ହେଲା । ୧୯୩୦ ଏପ୍ରିଲ ୬ ତାରିଖରେ ଗାନ୍ଧିଜୀ ସାବରମତୀ ଆଶ୍ରମରୁ ବାହାରିଲେ । ଗୁଜୁରାଟର ଦାଣ୍ଡିକୁ ଲୁଣ ମାରିବା ପାଇଁ ଯାତ୍ରା ଆରମ୍ଭ କଲେ । ଭାରତର ଚାରିଆଡ଼େ ଲୁଣ ମରା ଆନ୍ଦୋଳନ ହେବାରୁ ବ୍ରିଟିଶ ସାମ୍ରାଜ୍ୟ ଥରହର ହେଲା । ଜବାହରଲାଲ୍ ଏହି ଆନ୍ଦୋଳନରେ ଯୋଗଦେଲେ । ପିତା ମୋତିଲାଲ ଓ ପତ୍ନୀ କମଳା ମଧ୍ୟ ଆନ୍ଦୋଳନରେ ସହଯୋଗ କଲେ । ଏହି ଆନ୍ଦୋଳନ ଯୋଗୁଁ ଏକ ସମୟରେ ପଣ୍ଡିତ ମୋତିଲାଲ, ଜବାହରଲାଲ ଓ କମଳା ଜେଲ୍‌କୁ ଗଲେ ।

ଦୁଃଖର ଦିନ

ଏହାପରେ ଜବାହରଙ୍କ ଜୀବନରେ ଦୁଃଖର ଦିନ ମାଡ଼ିଆସିଲା । ପିତା ମୋତିଲାଲ୍‌ଙ୍କର ପରଲୋକ ହେଲା । ପତ୍ନୀ କମଳା ଭୀଷଣ ଅସୁସ୍ଥ ହୋଇ ଚିକିତ୍ସା ନିମନ୍ତେ ଜର୍ମାନ ଗଲେ । ସେତେବେଳେ ଜବାହରଲାଲ ଜେଲ୍‌ରେ । କମଳାଙ୍କର ଅବସ୍ଥା ଅତ୍ୟନ୍ତ ଖରାପ ହେଲା । ଜବାହାର ଜେଲ୍‌ରୁ ଖଲାସ ହୋଇ ତାଙ୍କୁ ଦେଖିବାକୁ ଗଲେ । ସେଇଠି କମଳା ଆଖି ବୁଜି ଦେଲେ । ଜବାହରଲାଲ୍ ଭାରତକୁ ଭଗ୍ନ ମନୋରଥ ହୋଇ ଫେରିଲେ । ଏଣେ ମା ସ୍ୱରୂପା ରାଣୀ ମଧ୍ୟ ଅସୁସ୍ଥ । ତଥାପି

Digitized by srujanika@gmail.com

ଏତେ ଦୁଃଖ ଭିତରେ ସେ ଭାରତ ମାତାର ସେବାରୁ ବିରତ ହେଲେ ନାହିଁ କି ଜେଲ୍ ଯିବାରୁ ଛାଡ଼ ପାଇଲେ ନାହିଁ ।

ଅଗଷ୍ଟ ବିପ୍ଲବ

୧୯୪୨ ମସିହା ଅଗଷ୍ଟ ମାସ । ଦ୍ୱିତୀୟ ବିଶ୍ୱ ଯୁଦ୍ଧରେ ଇଂଲଣ୍ଡ ବ୍ୟସ୍ତଥାଏ । ଭାରତର ନେତାମାନଙ୍କ ସହ ମିଳାମିଶା କରିବା ପାଇଁ ବ୍ରିଟେନର ପ୍ରଧାମନ୍ତ୍ରୀ ଚର୍ଚ୍ଚିଲ ଚାହିଁଲେ । ସେଥିପାଇଁ ତାଙ୍କ ମନ୍ତ୍ରିମଣ୍ଡଳର ଆଉ ଜଣେ ସଭ୍ୟଙ୍କୁ ଭାରତ ପଠାଇଲେ । ଗାନ୍ଧିଜୀ କିନ୍ତୁ ରୋକ୍‌ଠୋକ୍ କହିଦେଲେ ପୂର୍ଣ୍ଣ ସ୍ୱାଧୀନତା ହିଁ ଭାରତର ଲକ୍ଷ୍ୟ । ତା'ଠାରୁ କିଛି କମ୍‌ରେ ମିଳାମିଶା ହୋଇପାରିବ ନାହିଁ । ବମ୍ବେଠାରେ କଂଗ୍ରେସ କାର୍ଯ୍ୟକାରୀ କମିଟି ବୈଠକ ବସିଲା । ଅଗଷ୍ଟ ଆଠ ତାରିଖରେ ଗାନ୍ଧିଜୀ 'ଭାରତ ଛାଡ଼' ଆନ୍ଦୋଳନର ଡାକରା ଦେଲେ । ସେହି ରାତି ପାହାନ୍ତାରେ ଜବାହରଙ୍କ ସମେତ ସମସ୍ତ ବଡ଼ ବଡ଼ ନେତାଙ୍କୁ ଗିରଫ କରାଗଲା । ଅହମ୍ମଦ ନଗରରେ ଜବାହର ୧୯୪୫ ମସିହା ଜୁନ୍ ୧୫ ତାରିଖ ପର୍ଯ୍ୟନ୍ତ ବନ୍ଦୀ ହୋଇ ରହିଲେ ।

ଗୋରା ସରକାର ଭାରତକୁ ଭାରତ ଓ ପାକିସ୍ତାନ ଏଭଳି ଦୁଇଖଣ୍ଡରେ ବିଭକ୍ତ କରିଦେଲେ । ୧୯୪୭ ଅଗଷ୍ଟ ୧୫ ତାରିଖରେ ଭାରତ ସ୍ୱାଧୀନ ହେଲା । ଜବାହରଲାଲ୍ ହେଲେ ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ । ୧୯୬୪ ମସିହା ମେ, ମାସ ୨୭ ତାରିଖରେ ସେ ଶେଷ ନିଶ୍ୱାସ ତ୍ୟାଗ କଲେ । ସେ ପର୍ଯ୍ୟନ୍ତ ସେ ପ୍ରଧାନମନ୍ତ୍ରୀ ଭାବେ ଭାରତ ଓ ଭାରତବାସୀଙ୍କ ଉନ୍ନତି ପାଇଁ ଅହରହ ଉଦ୍ୟମ କରିଯାଇଛନ୍ତି ।

Digitized by srujanika@gmail.com

ପିଲାଙ୍କ ପ୍ରତି ଭାରି ଆଦର

ଜବାହରଲାଲ୍ ଥିଲେ ଶିଶୁ ସ୍ନେହୀ, ଶିଶୁ ପ୍ରେମୀ । ଏ ଦେଶରେ ଅନେକ ପ୍ରଧାନମନ୍ତ୍ରୀ ହେଲେଣି । କିନ୍ତୁ ତାଙ୍କ ଭଳି ସାନ ସାନ ଶିଶୁମାନଙ୍କୁ ପ୍ରାଣ ଭରି ଭଲ ପାଉଥିବା ନେତା ଆଉ ନାହାନ୍ତି । ଶିଶୁମାନଙ୍କୁ ସେ ଭାରି ଆଦର କରୁଥିଲେ । ଶିଶୁମାନେ ମଧ ତାଙ୍କୁ ଆଦରରେ 'ଚାଚା ନେହେରୁ' ଡାକୁଥିଲେ ।

ଜବାହର ସବୁବେଳେ କହୁଥିଲେ ''ପିଲାମାନେ ଭାରତର ଭବିଷ୍ୟତ । ସେମାନଙ୍କ ପ୍ରତି ଅବହେଳା କରିବା ଠିକ୍ ନୁହେଁ । ସେମାନଙ୍କର ସବୁ ପ୍ରକାର ଅସୁବିଧା ଦୂର କରିବା ଆମ ସମସ୍ତଙ୍କର ପ୍ରଥମ କର୍ତ୍ତବ୍ୟ ।'' ସେ ପିଲାଙ୍କ ମେଳରେ ସାନ ପିଲାଟି ଭଳି ଖେଳି ବୁଲୁଥିଲେ । ପିଲାଙ୍କ ଗହଣରେ ଗପିବା, ମିଶିବା ଓ ହସିବାରେ ସେ ଅପୂର୍ବ ଆନନ୍ଦ ଲାଭ କରୁଥିଲେ । ସେ ନିଜେ ହସୁଥିଲେ ଓ ପିଲାଙ୍କୁ ହସାଉଥିଲେ ।

ଯେତେବେଳେ ଖୁବ୍ ଗୁରୁତ୍ୱପୂର୍ଣ୍ଣ ସମସ୍ୟାରେ ସେ ବିଚଳିତ ହୋଇଯାଉଥିଲେ, ଶିଶୁମାନେ ହିଁ ତାଙ୍କୁ ଶାନ୍ତି ଓ ଆନନ୍ଦ ଦେଉଥିଲେ । ପିଲାଙ୍କୁ ଦେଖିଲେ ସେ ସବୁ ଦୁଃଖ ପାସୋରି ପକାଉଥିଲେ । ପିଲାମାନେ ଥିଲେ ତାଙ୍କ ପାଇଁ ପ୍ରେରଣାର ଉତ୍ସ; ଆନନ୍ଦର ଝରଣା । ସେଥିପାଇଁ ତାଙ୍କର ଜନ୍ମଦିନକୁ ସେ 'ଶିଶୁ ଦିବସ' ରୂପେ ପାଳନ କରିବା ପାଇଁ ଇଚ୍ଛା କରିଥିଲେ । ତାଙ୍କରି ଇଚ୍ଛା ଯୋଗୁ ପ୍ରତିବର୍ଷ ନଭେମ୍ବର ୧୪ ତାରିଖକୁ ଭାରତ ବର୍ଷରେ ଶିଶୁ ଦିବସ ଭାବେ ପାଳନ କରାଯାଉଛି । ଏହି ଦିନଟି ଶିଶୁମାନଙ୍କ ପାଇଁ ଆନନ୍ଦ ଉତ୍ସବର ଦିନ ।

Digitized by srujanika@gmail.com

ନେହେରୁ ମଧ୍ୟ ଖୁବ୍ ଖେଳ ପ୍ରିୟ ଥିଲେ । ପିଲାମାନଙ୍କୁ ସେ ସବୁବେଳେ ଖେଳ କୁଦ କରି ଶରୀର ସୁସ୍ଥ ରଖିବାକୁ ପରାମର୍ଶ ଦେଉଥିଲେ । ନିଜେ ମଧ୍ୟ ଶେଷ ପର୍ଯ୍ୟନ୍ତ ଖେଳାଖେଳି କରୁଥିଲେ । ବଡ଼ ବଡ଼ ଖେଳ ଦେଖିବାକୁ ସାଙ୍ଗରେ ନିଜର ଦୁଇନାତିଙ୍କୁ ଧରି ପହଞ୍ଚି ଯାଉଥିଲେ । ସେ କହୁଥିଲେ ''ସ୍ୱାସ୍ଥ୍ୟବାନ ହେବା ପାଇଁ ଖେଳିବା ଦରକାର । ଦେଶ ରକ୍ଷା ପାଇଁ ସ୍ୱାସ୍ଥ୍ୟବାନ ଲୋକ ଦରକାର ।''

ନେହେରୁ ଓ ବିଶ୍ୱ ଶାନ୍ତି

ନେହେରୁ ଥିଲେ ଶାନ୍ତି ପ୍ରିୟ । ପୃଥିବୀର ଯେଉଁଠି ଦେଶ ଦେଶ ମଧ୍ୟରେ ଗଣ୍ଡଗୋଳ ଲାଗୁଥିଲା, ସେ ସେଠାରେ ଯାଇ ହାଜର

Digitized by srujanika@gmail.com

ହୋଇଯାଉଥିଲେ । ଉଭୟ ଦେଶର ନେତୃବୃନ୍ଦଙ୍କ ସହ ଆଲୋଚନା କରି ବହୁ ସମସ୍ୟାର ସମାଧାନ କରି ଦେଉଥିଲେ । ତେଣୁ ତାଙ୍କୁ ଶାନ୍ତିଦୂତ କୁହାଯାଏ । ସେ କହୁଥିଲେ, "ପୃଥିବୀର ଅନେକ ଦେଶ ଅନୁନ୍ନତ । ସେମାନେ ଶାନ୍ତିରେ ଚଳିବା ଉଚିତ । ନିଜ ନିଜ ମଧ୍ୟରେ ଯୁଦ୍ଧ ଲଗାଇଲେ ସବୁ ଅର୍ଥ ଯୁଦ୍ଧ ପାଇଁ ଅସ୍ତ୍ରଶସ୍ତ୍ର କିଣାରେ ବ୍ୟୟ ହୋଇଯିବ । ଗରିବ ଲୋକଙ୍କ ଉନ୍ନତି ପାଇଁ ସମ୍ବଳ ମିଳିବ ନାହିଁ ।" ଏହା ତାଙ୍କର ବିଶ୍ୱମାନବ ପ୍ରୀତିର ଉଦାହରଣ ।

ଭାରତ ହେଉଛି ବୁଦ୍ଧ ଓ ଅଶୋକଙ୍କ ଦେଶ । ସେ ଇତିହାସରୁ ଶିକ୍ଷା ଲାଭ କରି ପୃଥିବୀବାସୀଙ୍କ ଆଗରେ ପଞ୍ଚଶୀଳ ନୀତି ଥୋଇଥିଲେ । ସେ କହୁଥିଲେ, "ପଡ଼ୋଶୀ ଦେଶମାନଙ୍କ ସହ ଶାନ୍ତିରେ ଚଳିବା । ସେମାନଙ୍କ ସହ ସଦ୍‌ଭାବ ବଢ଼ାଇବା । ଅନ୍ୟ ରାଷ୍ଟ୍ରର ଘରୋଇ କଥାରେ ମୁଣ୍ଡ ଖେଳାଇବା ନାହିଁ । ଏସିଆ ଓ ଆଫ୍ରିକାର ପରାଧୀନ ଦେଶଗୁଡ଼ିକର ମୁକ୍ତି ପାଇଁ ଉଦ୍ୟମ କରିବା । ଦେଶ ଦେଶ ମଧ୍ୟରେ କେଉଁଠି କିଛି ଅସୁବିଧା ହେଲେ ଶାନ୍ତିପୂର୍ଣ୍ଣ ସମାଧାନର ପନ୍ଥା ଖୋଜିବା ।

ଚୀନ, ମିଶର, ଯୁଗୋସ୍ଲୋଭିଆ, ଇଣ୍ଡୋନେସିଆ ଆଦି ଦେଶ ଏହାକୁ ସମର୍ଥନ ଜଣାଇଥିଲେ । ନେହେରୁ ଜାତିସଂଘକୁ ଶକ୍ତିଶାଳୀ କରିବାକୁ ଚାହୁଁଥିଲେ । ଏହା ଫଳରେ ପୃଥିବୀରୁ ଯୁଦ୍ଧ ଓ ଅଶାନ୍ତି ଦୂର ହୋଇପାରିବ ବୋଲି ତାଙ୍କର ଆଶା ଥିଲା ।

ଚୀନ ଆକ୍ରମଣ

ଚୀନ ହିନ୍ଦ୍-ଚୀନ୍ ଭାଇ ଭାଇ କହୁଥିଲା । କିନ୍ତୁ ୧୯୬୨ ଅକ୍ଟୋବର ୨୦ ତାରିଖରେ ଏହା ଭାରତର ଉତ୍ତର ପଶ୍ଚିମ ଦିଗରୁ

Digitized by srujanika@gmail.com

ଆକ୍ରମଣ କଲା । ସେତେବେଳକୁ ଏପରି ଏକ ଆକ୍ରମଣ ନିମନ୍ତେ ଭାରତୀୟ ସେନା ପ୍ରସ୍ତୁତ ନଥିଲେ । ସେମାନେ ଏକ ପ୍ରକାର ପଛଘୁଞ୍ଚା ଦେଲେ । ନେହେରୁଙ୍କ ପ୍ରାଣରେ ଆଘାତ ଲାଗିଲା । ସେ ସଙ୍ଗେ ସଙ୍ଗେ ଆମେରିକା, ଇଂଲଣ୍ଡ ଓ କାନାଡ଼ା ଆଦି ଦେଶର ନେତାମାନଙ୍କୁ ସାହାଯ୍ୟ ପାଇଁ ଅନୁରୋଧ କଲେ । ଆମେରିକାର ଷାଠିଏଟି ଯୁଦ୍ଧ ବିମାନ ଆସି ଭାରତରେ ପହଞ୍ଚିଗଲା । ଅନ୍ୟ ଦେଶମାନେ ସାହାଯ୍ୟ କଲେ । ଚୀନ ଛାନିଆ ହୋଇ ଯୁଦ୍ଧ ବନ୍ଦ କଲା । ତଥାପି ଚୀନ ଦଖଲରେ ଭାରତର ୩୫ ହଜାର ଏକର ଅଞ୍ଚଳ ରହିଗଲା ।

ବିଜ୍ଞାନ ପ୍ରତି ଆଗ୍ରହ

ଭାରତର ନେତାମାନଙ୍କ ମଧ୍ୟରେ ନେହେରୁ ଥିଲେ ଆଧୁନିକତାର ପୂଜାରୀ । ସେ ଇଂଲଣ୍ଡର ଟ୍ରିନିଟି କଲେଜରେ ବିଜ୍ଞାନ ପଢ଼ିଥିଲେ । ପୃଥିବୀରେ ଯେଉଁଠି ସବୁ ବୈଜ୍ଞାନିକ ଉଦ୍ଭାବନମାନ ହେଉଥିଲା, ତାହାର ଟିକିନିଖି ଖବର ରଖୁଥିଲେ । ସେ ଭାବୁଥିଲେ, ବିଜ୍ଞାନ ବିଷୟରେ ଭାରତର ଲୋକେ ଆଗ୍ରହୀ ହେଲେ ନୂତନ ଯୁଗର ସୃଷ୍ଟି ହେବ । ଭାରତୀୟମାନେ ସଭ୍ୟତା ଓ ସଂସ୍କୃତି ପଥରେ ଆଗେଇଯିବେ ।

ବିଜ୍ଞାନ ବିଷୟରେ ଗବେଷଣା ପାଇଁ ସେ ଅକାତରରେ ଅର୍ଥ ବ୍ୟବସ୍ଥା କରୁଥିଲେ । ଅନେକ ବୈଜ୍ଞାନିକ ଗବେଷଣା ପ୍ରତିଷ୍ଠାନ ଖୋଲିଥିଲେ । ସେ ବୈଜ୍ଞାନିକମାନଙ୍କୁ ଖୁବ୍ ସମ୍ମାନ କରୁଥିଲେ । ଉତ୍ସାହ ବି ଦେଉଥିଲେ । ପ୍ରତିବର୍ଷ ଜାତୀୟ କଂଗ୍ରେସ ଭଳି ବିଜ୍ଞାନ କଂଗ୍ରେସର ଅଧିବେଶନ ବସାଉଥିଲେ । ଯେତେ କାମ ଥିଲେ ମଧ୍ୟ ସେହି ଅଧିବେଶନଗୁଡ଼ିକରେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଉପସ୍ଥିତ ରହୁଥିଲେ ।

Digitized by srujanika@gmail.com

ଆଲୋଚନା ଶୁଣୁଥିଲେ । ଲୋକଙ୍କ ପାଖରେ ବିଜ୍ଞାନର ଉପକାର କଥା ପହଞ୍ଚାଇବା ନିମନ୍ତେ ବ୍ୟାକୁଳ ଥିଲେ ।

ଓଡ଼ିଶା ଓ ନେହେରୁ

ସ୍ୱାଧୀନତା ପାଇବା ପୂର୍ବରୁ ଜବାହରଲାଲ୍ ଓଡ଼ିଶାକୁ ୧୯୩୬ ମସିହାରେ ଆସିଥିଲେ । ସେତେବେଳକୁ ସେ ଦ୍ୱିତୀୟଥର ପାଇଁ କଂଗ୍ରେସ ସଭାପତି ହୋଇଥାନ୍ତି । ତାଙ୍କୁ କୁହାଯାଉଥିଲା ରାଷ୍ଟ୍ରପତି । ଓଡ଼ିଶା ମଧ୍ୟ ନୂଆ ହୋଇ ସ୍ୱତନ୍ତ୍ର ପ୍ରଦେଶ ହୋଇଥାଏ । ଓଡ଼ିଶାରେ ଥାଏ ଛଅଟି ଜିଲ୍ଲା । କଟକ, ପୁରୀ, ବାଲେଶ୍ୱର, ଗଞ୍ଜାମ, ସମ୍ବଲପୁର ଓ କୋରାପୁଟ । ଜବାହର ତୋଫାନୀ ଗସ୍ତରେ ସାରା ଭାରତ ବୁଲୁଥାନ୍ତି ।

Digitized by srujanika@gmail.com

ପ୍ରଥମ ଦିନ ସେ ବାଲେଶ୍ୱର, କଟକ ଓ ପୁରୀ ବୁଲିଲେ । ଦ୍ୱିତୀୟ ଦିନ ଗଞ୍ଜାମ ଗସ୍ତ କଲେ । ସେଠାରୁ ଖଲ୍ଲିକୋଟ ବାଟେ ବ୍ରହ୍ମପୁର ଗଲେ । ଖଲ୍ଲିକୋଟ ରାଜା ଇଂରେଜ ଶାସକଙ୍କ ଭକ୍ତ ଥିଲେ । ତେଣୁ ତାଙ୍କ ଆଦେଶରେ ଖଲ୍ଲିକୋଟ ସହର ପୂରା ବନ୍ଦ ଥାଏ । ଦୋକାନ ବଜାର ଖୋଲି ନଥାଏ । ଲୋକ ଚଳାଚଳ ବନ୍ଦ । ଜବାହର ସେ ବାଟେ ଗଲେ । ସବୁ ଶୂନଶାନ୍ ଦେଖି କହିଲେ - ''ଏହି ଛୋଟ ସହରଟି ମଶାଣି ଭୂଇଁ ଭଳି ନୀରବ ପାଲଟି ଯାଇଛି ।''

ସନ୍ଧ୍ୟାବେଳେ ବ୍ରହ୍ମପୁରରେ ସଭା ହେଲା । ସେଠାରେ ଲକ୍ଷାଧିକ ଲୋକ ପହଞ୍ଚିଥିଲେ । ନେହେରୁ ଭାଷଣ ଦେବାପରେ ଜଣେ ବ୍ୟବସାୟୀ ଭେଙ୍କଟ ରନ୍ ରାଜୁ କଂଗ୍ରେସ ସଂଗଠନ ପାଇଁ ୧୧୧୬ ଟଙ୍କାର ଥଳି ଭେଟି ଦେବା ସ୍ଥିର ହୋଇଥାଏ । ପ୍ରଦେଶ କଂଗ୍ରେସ ସଭାପତି ନୀଳକଣ୍ଠ ଦାସ ତାଙ୍କୁ ରାଜୁଙ୍କ ଘରକୁ ନେଲେ । ସେଠାରେ ତେଲୁଗୁ ରମଣୀମାନେ ଠାକୁରଙ୍କୁ ବନ୍ଦାପନା କଲା ଭଳି ଧୂପ, ଦୀପ ଓ ଫୁଲହାରରେ ତାଙ୍କର ସ୍ୱାଗତ କଲେ । ଏସବୁ ପୁରୁଣା କାଳିଆ କଥା ଜବାହରଙ୍କୁ ଭଲ ଲାଗିଲା ନାହିଁ । ପୁଣି ସେ ଜାଣିଲେ - ଏତେ ଟଙ୍କା ଜଣେ ବ୍ୟବସାୟୀ ଦାନ କରୁଛନ୍ତି । ସେ ରାଗିଗଲେ । କହିଲେ, ''ଜନ ସାଧାରଣଙ୍କଠାରୁ ଆଦାୟ କରାଯାଇଥିବା ଅଳ୍ପ ଅର୍ଥର ମୂଲ୍ୟ ଏହାଠାରୁ ଅଧିକ ।'' ଏହା କହି ସେ ଟଙ୍କାଥଳି ଉପହାର ନନେଇ ପରବର୍ତ୍ତୀ ସଭାକୁ ପଳାଇଗଲେ ।

ସ୍ୱାଧୀନତା ପରେ ଜବାହର ଅନେକ ଥର ଓଡ଼ିଶା ଆସିଛନ୍ତି । ଭୁବନେଶ୍ୱରଠାରେ ନୂଆ ରାଜଧାନୀ, ହୀରାକୁଦଠାରେ ମହାନଦୀ

Digitized by srujanika@gmail.com

ବନ୍ଧଯୋଜନା ଓ ରାଉରକେଲାଠାରେ ଇସ୍ପାତ କାରଖାନାର ଶୁଭ ଦେବାକୁ ସେ ଆସିଥିଲେ । ଭୁବନେଶ୍ୱରରେ କଂଗ୍ରେସ ଅଧିବେଶନ ଓ କଟକଠାରେ ନିର୍ବାଚନ ପ୍ରଚାର ପାଇଁ ମଧ୍ୟ ସେ ଆସିଥିଲେ ।

ହୀରାକୁଦ ବନ୍ଧର ଶୁଭ ଉଦ୍‌ଘାଟନ କରି ସେ ଅତି ଚମତ୍କାର କଥା କହିଥିଲେ । ସେ କହିଥିଲେ, ''ମନ୍ଦିରରେ ଦେବତାମାନେ ରହନ୍ତି । କାଠ ପାଷାଣର ଦେବତାଙ୍କ ଉପରେ ମୋ'ର ବିଶ୍ୱାସ ନାହିଁ । ଭାରତର ଅଗଣିତ ଜନତା ମୋ'ର ଦେବତା । ସେହି ଜନସାଧାରଣଙ୍କର ଉପକାର କରୁଥିବା ଅନୁଷ୍ଠାନ ମୋ ପାଇଁ ଦେବ ମନ୍ଦିର । ହୀରାକୁଦ ବନ୍ଧ ଯୋଗୁଁ ଓଡ଼ିଶାର ବନ୍ୟା କଷ୍ଟ ଦୂର ହେବ । ବହୁତ ଜମିରେ ଜଳସେଚନ ସୁବିଧା ହେବ । ଅଧିକ ଫସଲ ଅମଳ ହେବ । କୃଷକମାନଙ୍କ ଅବସ୍ଥାର ଉନ୍ନତି ହେବ । ବିଜୁଳି ବାହାରିବ । ଚାରିଆଡ଼େ କଳ କାରଖାନା ଗଢ଼ି ଉଠିବ । ଖଟିଖିଆ ଶ୍ରମିକମାନେ ଉପକାର ପାଇବେ । ତେଣୁ ହୀରାକୁଦ ହିଁ ହେବ ନୂତନ ଓଡ଼ିଶା ଗଢ଼ିବା ପାଇଁ ଆଧୁନିକ ମନ୍ଦିର ।''

ଏହିଭଳି ଭାରତର ଉନ୍ନତି କଥା ସେ ସବୁବେଳେ ଚିନ୍ତା କରୁଥିଲେ ।

* * * *

Digitized by srujanika@gmail.com

Digitized by srujanika@gmail.com